ଧରିତ୍ରୀ
DHARITRI

August 29-September 4, 2021 ₹2/-

# ଛୁଟିଦିନ



୩ ପ୍ରଚ୍ଛଦ ପ୍ରସଙ୍ଗ

# ବାଇଚଢ଼େଇଙ୍କ ଚିନ୍ତା

ଆମ ଲୋକଗୀତ ଲୋକକଥାରେ ବାଇଚଢ଼େଇର ବର୍ଣ୍ଣନାରୁ ଜଣାପଡ଼େ ଯେ, ଏମାନେ ଦିନେ ଆମ ଚଳଣିର ଏକ ଅଂଶ ହୋଇଥିଲେ। ଏବେ ମାତ୍ରାଧିକ ସଂଖ୍ୟା ହ୍ରାସ ପାଇବା ପରିବେଶପ୍ରେମୀଙ୍କ ଚିନ୍ତା ବଢ଼ାଇଛି ...

ସହରଠୁ ଦୂର ୧୩



# ବ୍ୟବସାୟରେ ଉନ୍ନତି ପାଇଁ

**ବ୍ୟବସାୟରେ ଉନ୍ନତି ପାଇଁ ଅନେକ ବାସ୍ତୁଟିପ୍ସ ରହିଛି। ଏହି ଟିପ୍ସଗୁଡ଼ିକୁ ଉପଯୋଗ କରିବା ଦ୍ୱାରା ସକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇ ବ୍ୟବସାୟରେ ସଫଳତା ମିଳିଥାଏ ବୋଲି ବିଶ୍ୱାସ କରାଯାଇଥାଏ...**

- ଯେଉଁମାନେ ନୂଆ ନୂଆ ବ୍ୟବସାୟ କରୁଛନ୍ତି କିମ୍ବା ଯେଉଁମାନେ ବ୍ୟବସାୟରେ କ୍ଷତି ସହି ଚାଲିଛନ୍ତି, ସେମାନେ ଚାହିଁଲେ ଅଫିସ୍‌ରେ ତାଙ୍କ ସିଟ୍ ପଛପଟ କାନ୍ଥରେ ପାହାଡ଼ର



କୌଣସି ଫଟୋ ଲଗାଇପାରିବେ। କୁହାଯାଏ ଉଚ୍ଚ ପାହାଡ଼ର ଫଟୋ ଲଗାଇବା ଦ୍ୱାରା ବ୍ୟବସାୟର ଗତି ଉର୍ଦ୍ଧ୍ୱଗାମୀ ହୋଇଥାଏ।

- ବାସ୍ତୁଶାସ୍ତ୍ରରେ ବାମ୍ବୋ ପ୍ଲାଣ୍ଟକୁ ବି ଶୁଭ ବୋଲି ଧରାଯାଇଥାଏ। କୁହାଯାଏ, ଏହାଦ୍ୱାରା ଧନ ଲାଭ ହେବା ସହିତ ଅଫିସ୍‌ରେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇଥାଏ। ବ୍ୟବସାୟରେ ଉନ୍ନତି ପାଇଁ ଆପଣ ଚାହିଁଲେ ଅଫିସ୍‌ରେ ବାମ୍ବୋ ପ୍ଲାଣ୍ଟ ଲଗାଇପାରିବେ।
- ବାସ୍ତୁଶାସ୍ତ୍ରରେ ମନି ପ୍ଲାଣ୍ଟକୁ ଧନପ୍ରାପ୍ତିର ପ୍ଲାଣ୍ଟ ବୋଲି କୁହାଯାଇଥାଏ। ଯଦି ବ୍ୟବସାୟରେ ବାରମ୍ବାର କ୍ଷତି ହେଉଥାଏ, ତା'ହେଲେ ଅଫିସ୍ ଟେବୁଲ୍ ଉପରେ ଗୋଟିଏ ମନି ପ୍ଲାଣ୍ଟ ରଖିବା ସହ ଏହାର ସଫାସୁତୁରା ପ୍ରତି ଯଥେଷ୍ଟ ଧ୍ୟାନ ଦେଲେ ବ୍ୟବସାୟରେ ଲାଭ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।
- ସେହିପରି କୁହାଯାଏ, ଅଫିସ୍ ଟେବୁଲ୍ ଉପରେ ଫିଟିକିରି ହେଉ ଅବା ଶ୍ରୀଯନ୍ତ୍ର, କ୍ରିଷ୍ଟାଲ୍ ବଲ ତଥା ସ୍ଫଟିକ୍‌ର କଇଁଛ ରଖିଲେ ବ୍ୟବସାୟରେ ଉନ୍ନତି ହେବା ସହ ଅଫିସ୍ ବାତାବରଣ ସର୍ବଦା ଶାନ୍ତିପୂର୍ଣ୍ଣ ରହିଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୨୯-ସେପ୍ଟେମ୍ବର ୪

**ମେଷ**
ସ୍ୱାସ୍ଥ୍ୟ ଭଲ ରହିବ, ଖୁସୀ ମନେଇବେ, ସନ୍ତାନଙ୍କ କୃତିତ୍ୱ, ଅଭାବ ଦୂର ହେବ, କର୍ମଜଞ୍ଜାଳ ବୃଦ୍ଧି, ସହକର୍ମୀଙ୍କ ଅଭିମାନ, ସାହିତ୍ୟଚର୍ଚ୍ଚାରୁ ପ୍ରଶଂସା, ଶୁଭଖବର ପ୍ରାପ୍ତି, ଜମିଜମା ବିବାଦ, ଭ୍ରମଣ ସୁଯୋଗ ପାଇବେ।

**ବୃଷ**
ଶାରୀରିକ ଅସୁସ୍ଥତା, କାର୍ଯ୍ୟହାନିରୁ ବ୍ୟସ୍ତତା, ବିବାଦୀୟ ପରିସ୍ଥିତି, ଲକ୍ଷ୍ୟପ୍ରାପ୍ତିରେ ପ୍ରତିବନ୍ଧକ। ବ୍ୟବସାୟିକ ଉତ୍କର୍ଷ, ପରୀକ୍ଷାରେ ସଫଳତା, ପ୍ରଶାସନିକ ତତ୍ପରତା।

**ମିଥୁନ**
ମାନସିକଚାପ ବଢ଼ିବ, ପାରିବାରିକ ଅଶାନ୍ତି, ପ୍ରତିକୂଳ ପରିସ୍ଥିତି, ସଭାସମିତିକୁ ଆହ୍ୱାନ, ନିର୍ମାଣରେ ବାଧା, ପରିବହନରୁ ଲାଭ, ନୂତନ ବନ୍ଧୁସମ୍ପର୍କ, କଚେରି ମାମଲାରେ ବାଇଦା, କାମ ଅଟକିବ ନାହିଁ।

**କର୍କଟ**
ନୂତନ କର୍ମାରମ୍ଭ, ଦୂରଯାତ୍ରାର ଯୋଜନା, ଉପରିସ୍ଥଙ୍କ ତାଗିଦା, ଅର୍ଥସଂକଟର ଦୁଶ୍ଚିନ୍ତା, ସମ୍ପର୍କୀୟଙ୍କ ସହଯୋଗ, ଶିଳ୍ପବାଣିଜ୍ୟରେ ଉନ୍ନତି, ନିଯୁକ୍ତିଖବର ପ୍ରାପ୍ତି, ବନ୍ଧୁଙ୍କ ସମାଲୋଚନା, ଭ୍ରାତୃସମ୍ପର୍କରେ ଉନ୍ନତି।

**ସିଂହ**
କାର୍ଯ୍ୟାରମ୍ଭରେ ବ୍ୟତିକ୍ରମ, ନିର୍ଣ୍ଣାୟକ ଭୂମିକା ନେବେ, ସ୍ୱାସ୍ଥ୍ୟଗତ ସମସ୍ୟା। ପରିବାରରେ ଭୁଲ୍ ବୁଝାମଣା, ରାଜନୈତିକ ବିବାଦ, ସାମୂହିକ ଆଲୋଚନା, ଭ୍ରମଣ ସୁଯୋଗ ପାଇବେ, ମକଦ୍ଦମା ଫଇସଲା, ଯାନ୍ତ୍ରିକ ଜିନିଷ କ୍ରୟ।

**କନ୍ୟା**
ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ସମ୍ପର୍କୀୟଙ୍କ ପ୍ରେରଣା, ବନ୍ଧୁଙ୍କ ସାହାଯ୍ୟ, ମାନସିକ ଆଶ୍ୱସ୍ତି, ସଙ୍ଗୀତସାଧନାରେ ରୁଚି, ଚଳଚ୍ଚିତ୍ରରେ ଦ୍ୱନ୍ଦ୍ୱ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ବିବାହ ସମସ୍ୟାରୁ ଦୁଃଖ, ଆର୍ଥିକ ଅବନତି, ଋଣଗ୍ରସ୍ତ ହେବେ।

**ତୁଳା**
ଅସୁସ୍ଥ ମାନସିକତା, ଅପ୍ରିୟ ସତ୍ୟଭାଷଣରୁ କଳହ, ଶତ୍ରୁତାରୁ କାର୍ଯ୍ୟହାନି, ପରିବହନରେ ଝଗଡା, ଆମଦାନୀ କାରବାର ବଢ଼ିବ, ଆଇନର ଆଶ୍ରୟ ନେବେ, ଏଜେନ୍ସିପ୍ ବୃଦ୍ଧି, ନିର୍ମାଣକ୍ଷେତ୍ରରେ ସଫଳତା, ଜମିଜମା ରେଜିଷ୍ଟ୍ରେସନ୍।

**ବିଛା**
ଅଭାବ ଦୂର ହେବ, ସମସ୍ୟା ମୁଣ୍ଡ ଟେକିପାରେ, ବନ୍ଧୁଙ୍କ ଆଶ୍ୱାସନା, ମିଥ୍ୟା ଅଭିଯୋଗରୁ ମନସ୍ତାପ, ରଚନାତ୍ମକ କାର୍ଯ୍ୟାରମ୍ଭ, ବୈବାହିକ ସମସ୍ୟା, ସହକର୍ମୀଙ୍କ ଦୌରାତ୍ମ୍ୟ, ପଡୋଶୀଙ୍କ ଅସହିଷ୍ଣୁତା, ଅଭିଳାଷ ପୂରଣ।

**ଧନୁ**
ସୁସ୍ଥ ଜୀବନଚର୍ଯ୍ୟା, ବୁଝାମଣାରେ ଉନ୍ନତି, ଚେଷ୍ଟାରେ ସଫଳତା, କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ। ବାକ୍ ଅସଂଯମତାରୁ କଳହ, ଆତ୍ମୀୟଙ୍କ ପରଶ୍ରୀକାତରତା। କର୍ମକ୍ଷେତ୍ରରେ କୈଫିୟତ ତଲବ, ଅଧ୍ୟାପନାରେ ସମସ୍ୟା।

**ମକର**
ପରିସ୍ଥିତି ବଦଳିବ, ଆଶା ପୂରଣ ହେବ, ବନ୍ଧୁଙ୍କ ସାହାଯ୍ୟ ସହଯୋଗ, ସ୍ଥଗିତ କର୍ମାରମ୍ଭ, ନୂତନ ବନ୍ଧୁସମ୍ପର୍କ, କ୍ରନିକ୍ ରୋଗରେ ପୀଡା, ସୀମାବିବାଦ, ଉପରିସ୍ଥଙ୍କ ପରାମର୍ଶ, ସାଙ୍ଗଠନିକ ପ୍ରସ୍ତୁତି, ପରିଜନ ସହ ଭ୍ରମଣ।

**କୁମ୍ଭ**
ଆରୋଗ୍ୟ ଲାଭ, ଉନ୍ନତ ଯୋଜନାରମ୍ଭ, ପାରିବାରିକ ସହମତି, ଭ୍ରାତୃବନ୍ଧୁରେ କୁଶଳ, ପ୍ରତିଯୋଗିତାରେ ସଫଳତା, ମିଥ୍ୟାଭିଯୋଗରୁ ମନସ୍ତାପ, ପ୍ରଶାସନିକ ତତ୍ପରତା, ଆୟ ତୁଳନାରେ ବ୍ୟୟାଧିକ୍ୟ, ଧର୍ମକାର୍ଯ୍ୟରେ ରୁଚି।

**ମୀନ**
ଭୁଲ୍ ବୁଝାମଣାରୁ ସନ୍ଦେହ, ପରୋକ୍ଷ ଶତ୍ରୁତାରୁ ସମସ୍ୟା, ଆଲୋଚନାରେ ଅଗ୍ରଗତି, ଉଚ୍ଚଶିକ୍ଷାର ସୁଯୋଗ, କର୍ମକ୍ଷେତ୍ରରେ ସ୍ଥାନାନ୍ତର, ସମ୍ପର୍କରେ ଅବନତି, ଆତ୍ମସମ୍ମାନରେ ବାଧା, ସହଧର୍ମିଣୀଙ୍କ ସୁପରାମର୍ଶ, ବ୍ୟବସାୟିକ ଉତ୍କର୍ଷତା।

# କେଉଁ ବାର କେଉଁ କାମ ପାଇଁ ଭଲ

ପ୍ରତ୍ୟେକ କାର୍ଯ୍ୟ ପାଇଁ ଠିକ୍ ସମୟ ରହିଥାଏ। ଆଉ ନିର୍ଦ୍ଧାରିତ ସମୟରେ ଉକ୍ତ କାର୍ଯ୍ୟକୁ କଲେ ସଫଳତା ମିଳିବା ସହଜ ହୋଇଯାଏ। ଠିକ୍ ସେମିତି ଜ୍ୟୋତିର୍ବିଦ୍‌ଙ୍କ ମତରେ ଏମିତି କିଛି କାର୍ଯ୍ୟ ରହିଛି, ଯାହାକୁ ସପ୍ତାହର କେଉଁ ବାରରେ କଲେ ସୁଫଳ ମିଳିଥାଏ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...



**ରବିବାର:** ଦର୍ଶନୀୟ ସ୍ଥାନ ଭ୍ରମଣ, ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ସହ ସମ୍ପର୍କ, ଗୋରୁ କିଣାବିକା କଲେ ଭଲ।

**ସୋମବାର:** ଶିବପୂଜା, କନ୍ୟାଦେଖା, ବୃକ୍ଷରୋପଣ, ଅଳଙ୍କାର ଧାରଣ, ବୀଜବପନ।

**ମଙ୍ଗଳବାର:** ହାତ ହତିଆର ତିଆରି, ଅସ୍ତ୍ରୋପଚାର ନିମନ୍ତେ ଉତ୍ତମ।

**ବୁଧବାର:** ଯେ କୌଣସି ବ୍ୟାପାର ଆରମ୍ଭ, ଅଳଙ୍କାର ନିର୍ମାଣ, ଶିଳ୍ପକାମ ନିମନ୍ତେ ଭଲ।

**ଗୁରୁବାର:** ଧର୍ମକାର୍ଯ୍ୟ, ବିବାହବ୍ରତ, ପୁରସ୍କାର ପ୍ରଦାନ, ଦେବତା ପ୍ରତିଷ୍ଠା, ସାମାଜିକ କର୍ମ ନିମନ୍ତେ ଭଲ।

**ଶୁକ୍ରବାର:** ନୂତନ ବିଳାସ ସାମଗ୍ରୀ କ୍ରୟ, ବିବାହବ୍ରତ ନିମନ୍ତେ ମଧ୍ୟ ଉତ୍ତମ।

**ଶନିବାର:** ଲୁହା, କୋଇଲା ଆଦିର କ୍ରୟ, ସଂକୀର୍ତ୍ତନ, ଯାନବାହନ ପୂଜା ପାଇଁ ଭଲ।

# ପାଠକୀୟ

*ଦିନେ ସୀମା ସୁରକ୍ଷାର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥିଲା। ଦେଶସେବାକୁ ବ୍ରତ ଭାବେ ଆପଣାଇଥିବା ସେହି ଯବାନମାନେ ଅବସରପରେ କେମିତି କୃଷିକ୍ଷେତ୍ରକୁ ଫେରି ଅନେକଙ୍କୁ ବଞ୍ଚିବାର ରାହା ଦେଖାଇ ପାରିଛନ୍ତି, ତାହାକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ସୀମାନ୍ତରୁ କୃଷିକ୍ଷେତ୍ର' ଏକ ହୃଦୟସ୍ପର୍ଶୀ ଆଲେଖ୍ୟ ଥିଲା। ସେହିପରି ଶ୍ରାବଣ ମାସର ମହିମା ସମ୍ପର୍କରେ ଅନେକ ଅଜଣା କଥା ଏଥରର ଛୁଟିଦିନରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*–ଅଭିନାଶ ମହାନ୍ତି, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା*

*ଏଥରର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ସୀମାନ୍ତରୁ କୃଷିକ୍ଷେତ୍ର' ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ସେହିପରି 'ତ୍ରିରଙ୍ଗା ଉଡ଼େଇବା ପାଇଁ ଦେଇଥିଲେ ଜୀବନ' ଆଲେଖ୍ୟଟି ଖୁବ୍ ମର୍ମସ୍ପର୍ଶୀ ହୋଇପାରିଥିଲା। ଅନ୍ୟପକ୍ଷେ 'ଦେଶ ସେବାରେ ପ୍ରତି ପରିବାର' ବିଷୟଟି ଖୁବ୍ ମନଛୁଆଁ ହୋଇଥିଲା। ତା'ଛଡ଼ା ବ୍ୟକ୍ତିତ୍ୱ ପୃଷ୍ଠାରୁ ପ୍ରଥିତଯଶା ଶିକ୍ଷାବିତ୍ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତିଙ୍କ ଜୀବନୀ ସମ୍ପର୍କରେ ଅନେକ ଅଜଣା କଥା ଜାଣି ଖୁସି ଲାଗିଲା।

*–ରଶ୍ମିରେଖା ସାମଲ, କୋରାପୁଟ*

*ସୃଜନ ପୃଷ୍ଠାରେ ସ୍ଥାନିତ 'ଝଣ୍ଡା ଉଚ୍ଚା ରହେ ହମାରା' ନାମକ ଗପଟି ଖୁବ୍ ମନଛୁଆଁ ହୋଇପାରିଥିଲା। ଏଥରର ସିନେମା ପୃଷ୍ଠାଟି ବି ବେଶ୍ ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ ପୂଜା ହେଗ୍‌ଡେଙ୍କ ଫଟୋଟି ବହୁତ ସୁନ୍ଦର ଦେଖାଯାଉଥିଲା। ସାଥୀର ଉତ୍ତର ମଧ୍ୟ ରୋମାଣ୍ଟିକ୍ ହୋଇଥିଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରେ ସ୍ଥାନିତ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ଶାସନ ସଚିବ ତଥା ସାହିତ୍ୟିକ ଶୈଳେନ୍ଦ୍ର କୁମାର ଜେନାଙ୍କ ରୋଜଗାର ସମ୍ପର୍କିତ ଆଲେଖ୍ୟଟି ପଢ଼ିବାକୁ ବେଶ୍ ମନଛୁଆଁ ଲାଗୁଥିଲା।

*–ସୋମେନ୍ଦ୍ର ପ୍ରିୟଦର୍ଶୀ, ଭବାନୀପାଟଣା*

*ଶିକ୍ଷାବିତ୍ ଓ ସାମାଜିକ କର୍ମୀ କୃଷ୍ଣା ମହାନ୍ତିଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା ଛୁଟିଦିନରେ ପଢ଼ିବାକୁ ମିଳିବାରୁ ଖୁସି ଲାଗିଲା। ମଡେଲ୍ ମିରର୍‌ରେ ଐଶ୍ୱର୍ଯ୍ୟା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ଖୁବ୍ ମଜାଦାର୍ ହୋଇପାରିଥିଲା। ସେହିପରି ସ୍ୱାଧୀନତା ଦିବସ ଅବସରରେ କେଉଁ କେଉଁ ସ୍ଥାନ ବୁଲିଗଲେ ନିଆରା ଅନୁଭୂତି ପାଇହେବ ସେ ସମ୍ପର୍କରେ ସହରଠୁ ଦୂରରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*–ଅଶୋକ ରାଉତ, ରାଜାବଜାର, ଜଟଣୀ*

*ମୋତେ ଛୁଟିଦିନ ପଢ଼ିବାକୁ ବହୁତ ଭଲ ଲାଗେ। ବିଶେଷକରି ଏହାର ସାଥୀ ଉତ୍ତର, ସିନେମା ଖବର, ବ୍ୟାକ୍‌ପେଜ୍ ଓ ବିବିଧା ପୃଷ୍ଠାରେ ପ୍ରକାଶିତ ହେଉଥିବା ମଜାଦାର୍ ତଥା ଆଶ୍ଚର୍ଯ୍ୟଜନକ ଲେଖାମାନ ମୋ ମନକୁ ବେଶ୍ ଛୁଇଁଯାଏ। ସେହିପରି ପ୍ରତିଥରର ପ୍ରଚ୍ଛଦ ପ୍ରସଙ୍ଗରୁ ନୂଆ ନୂଆ ଘଟଣାବଳୀ ସମ୍ପର୍କରେ ସବିଶେଷ ବିବରଣୀ ଜାଣିବାକୁ ମିଳୁଥିବାରୁ ଖୁସି ଲାଗେ।

*–ପଲ୍ଲିଶ୍ରୀ ତ୍ରିପାଠୀ, ରାଉରକେଲା*

## ବିଶେଷ ଚିଠି



ପତ୍ରିକା ମଧ୍ୟରେ ତୁମେ ଅନନ୍ୟ
ତୁମେ ଆମର ପ୍ରିୟ ଛୁଟିଦିନ,
ସାତ ଦିନରେ ଆସ ଥରେ
ଦେଖାହୁଏ ତୁମ ସହ ପ୍ରତି ରବିବାରେ।
ପ୍ରଚ୍ଛଦ ତୁମର ଅତି ଚମତ୍କାର
କିମିଆ କରେ ତୁମ ସାଥୀର ଉତ୍ତର,
ନୂଆ ଜାଗା କେତେ ବୁଲାଇ ନିଏ
ପୁଣି ତୁମର ସହର ଠୁ ଦୂର।
ତୁମେ ଆମର ପ୍ରିୟର ଛୁଟିଦିନ
ଏମିତି ଆସୁଥାଅ ତୁମେ ସବୁଦିନ।

*–ରାହାସ ବିହାରୀ ବରାଳ, ସାଲେପୁର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ବାଇଚଢ଼େଇଙ୍କ ଚିନ୍ତା



ଉଚ୍ଚ ତାଳଗଛ ଆକାଶ ଛୁଏଁ, ବାୟାର ବସା ଦୋହଲୁ ଥାଏ... । ଆଜିକାଲି ଏମିତି ଦୃଶ୍ୟ ପ୍ରାୟ ବିରଳ ହେଲାଣି । ତେବେ ଦୂର ତାଳବଣ, ପୋଖରୀ ହୁଡ଼ାରେ ଥିବା ନଡ଼ିଆଗଛ, ବଣବୁଦାଘେରା ଖଜୁରିଗଛ କିମ୍ବା ଗାଁଠାରୁ ଦୂର ଶୂନସାନ ରାସ୍ତା କଡ଼ରେ ଥିବା ବାଗୁଲ ଗଛ ଆଦିରେ ବାଇଚଢ଼େଇ ବସା କରିଥିବାର ନଜିର ହୁଏତ କାହାରି ପଡ଼ିଥାଇପାରେ। ପୁଣି ସେହି ରାସ୍ତାରେ ଯାତାୟାତ କରୁଥିବା ବାଟୋଇ ଏଇ ପକ୍ଷୀମାନଙ୍କ କିଚିରିମିଚିରି କଳରବ ଶୁଣି କିଛିକ୍ଷଣ ଆନମନା ହୋଇପାରନ୍ତି। କିନ୍ତୁ ଦିନକୁଦିନ ବିଭିନ୍ନ ପ୍ରାକୃତିକ ପରିବେଶରେ ନାନାପ୍ରକାରର ଅସ୍ୱାଭାବିକ ପରିସ୍ଥିତି ଉପୁଜୁଥିବା ଯୋଗୁ ଅନେକ ପ୍ରଜାତିର ବହୁ ବିରଳ ଜୀବଜନ୍ତୁ ଲୋପ ପାଇଗଲେଣି । ପୁଣି ବିଲୁପ୍ତ ଅପେକ୍ଷାରେ ଆଉ କେତେପ୍ରଜାତିର ପ୍ରାଣୀ । ମାତ୍ର ସୁକୁମାର ପକ୍ଷୀକୁଳ ମଧ୍ୟରେ ଜଣାଶୁଣା ବାଇଚଢ଼େଇଙ୍କ ସଂଖ୍ୟା ଦିନକୁ ଦିନ କମୁଥିବାର ଅନୁମେୟ କରିହୁଏ। ଏଥିପାଇଁ ବିଭିନ୍ନ ସମୟରେ ବହୁ ପରିବେଶବିତ୍ ଚିନ୍ତାପ୍ରକଟ କରିଛନ୍ତି ବାଇଚଢ଼େଇଙ୍କ ସୁରକ୍ଷା ଚିନ୍ତା ସମ୍ପର୍କରେ। ଜୀବଜଗତର ସମସ୍ତ ପଶୁପକ୍ଷୀ ଓ ବିଭିନ୍ନ ପ୍ରାଣୀ ନିଜ ପାଇଁ ଘର ତୋଳନ୍ତି । ବାଇଚଢ଼େଇ ମଧ୍ୟ ଏଥିରୁ ବାଦ ଯାଏନି। ତେବେ ଖୁବ୍ ଶକ୍ତଥିବା ଉଚ୍ଚ ତାଳଗଛରେ ବାଇଚଢ଼େଇ ବସା କରିଥାଏ । ଯେତେ ଝଡ଼ବର୍ଷା ହେଲେ ବି ତା' ବସା ଛିଡ଼େନାହିଁ। ଅନେକେ ବାଇଚଢ଼େଇକୁ କୁହନ୍ତି ପରିବେଶ ବିଜ୍ଞାନୀ। ଏମିତିରେ ଏକ ରୋଚକ କଥା ରହିଛି–ମଧୁବାବୁ ବିଲାତରେ ଥରେ କହିଥିଲେ, ଆମ ଦେଶର ବାଇଚଢ଼େଇ ପକ୍ଷୀର କାରିଗରି ଓ ନିର୍ମାଣଶୈଳୀ ତୁମ ଦେଶର ଇଞ୍ଜିନିୟରଙ୍କଠାରୁ ବେଶ୍ ଉତ୍କୃଷ୍ଟତର। ଏଇ କ୍ଷୁଦ୍ର ପକ୍ଷୀ ଭିତରେ ରହିଛି ଅନନ୍ୟ କଳା ଓ କାରିଗରପଣିଆ। ପକ୍ଷୀଜଗତର ଶ୍ରେଷ୍ଠ ସ୍ଥପତି ଭାବେ କେହିକେହି ବାଇଚଢ଼େଇକୁ ଚିହ୍ନନ୍ତି।

ତେବେ ବାଇଚଢ଼େଇ ଆମ ପରିବେଶରେ ଏକ କ୍ଷୁଦ୍ର ପକ୍ଷୀଟିଏ। ଅଣ୍ଡିରା ଓ ମାଈ ବାଇଚଢ଼େଇ ମଧ୍ୟରେ ପାର୍ଥକ୍ୟ ହେଉଛି –ମାଈ ବାଇଚଢେଇ ପରର ରଙ୍ଗ ଧୂସର ଏବଂ ଅଣ୍ଡିରା ବାଇଚଢ଼େଇ ପରର ରଙ୍ଗ କଳା । ଅଣ୍ଡାଦେବା ପୂର୍ବରୁ ତଥା ବସାରେ ବସିବାବେଳେ ମାଈ ବାଇଚଢ଼େଇର ରଙ୍ଗ ହଳଦିଆ ହୋଇଥାଏ। ମାଈ ବାଇଚଢ଼େର ଲମ୍ବ ୧୫ସେ.ମି. ହୋଇଥିବା ବେଳେ ସେହିପରି ଅଣ୍ଡିରା ବାଇଚଢ଼େଇର ଲମ୍ବ ୧୯ସେ.ମି. ହୋଇଥାଏ। ଏମାନଙ୍କ ଦେହର ଓଜନ ୩୦ରୁ ଗ୍ରାମ୍‌ରୁ ୪୦ଗ୍ରାମ୍ ମଧ୍ୟରେ ।

**ବିଭିନ୍ନ ପ୍ରଜାତିର ବାଇଚଢ଼େଇ** –ପକ୍ଷୀବିଜ୍ଞାନ ପରିଭାଷାରେ ବାଇଚଢ଼େଇ ପ୍ରାୟ ୩ ପ୍ରଜାତିର। ବିଭିନ୍ନ ଦେଶରେ ଏମାନଙ୍କ ନାଁ ଭିନ୍ନ ଭିନ୍ନ ଯଥା– ଭାରତରେ ବାଇଚଢ଼େଇ, ମାଳୟରେ ଟେମ୍ପୁଆ, ସିଂହଳରେ ତାତେକରୁଲା, ମ୍ୟାନମାରରେ ମୋ–ସା କୁହାଯାଏ। ଭାରତୀୟ ଉପମହାଦେଶ ଓ ଦକ୍ଷିଣ ପୂର୍ବ ଏସିଆ ସମେତ ବିଶେଷକରି ଭାରତ, ପାକିସ୍ତାନ, ନେପାଳ, ଭୁଟାନ, ବାଂଲାଦେଶ, ମ୍ୟାନମାର, ଥାଇଲାଣ୍ଡ, ଭିଏତନାମ୍, ମାଳୟ, ବୋର୍ଣ୍ଣିଓ, ସୁମିତ୍ରା, ଜାଭା ଏବଂ ବାଲି ଆଦି ଦେଶରେ ଏହି ପକ୍ଷୀ ଦେଖିବାକୁ ମିଳେ।

**ବାଇଚଢ଼େଇ ବସା**–ବାଇଚଢ଼େଇମାନେ ସାଧାରଣତଃ ଗାଁଠାରୁ ଦୂର ଜଳାଶୟ ନିକଟରେ ଥିବା ବିଭିନ୍ନ ଖଜୁରି, ତାଳ,ବାଗୁଲି ଆଦି ଗଛରେ ବସାବାନ୍ଧି ସାମୂହିକ ଭାବେ ଗୋଷ୍ଠୀହୋଇ ରହିବାକୁ ବେଶି ପସନ୍ଦ କରିଥାନ୍ତି। ବର୍ଷାଋତୁ ପୂର୍ବରୁ ଯଥା–ବୈଶାଖ ମାସରେ କୁଶ, ଖଜୁରି ଓ ନଡିଆ ପତ୍ର, କୁଟା, ଜୁଣ ପାଖୁଡି,ଶୁଖିଲାଘାସକୁ ନେଇ ବାଇଚଢ଼େଇ ଗଛରେ ବସା କରିଥାଏ। ପ୍ରତିବର୍ଷ ଖରାଦିନେ ବାଇଚଢ଼େଇ ବସା ତିଆରି କରନ୍ତି। ସେହି ଜଳାଶୟରେ ଥିବା ଚିକିଟାମାଟିକୁ ବସାଭିତର ପାର୍ଶ୍ୱରେ ଲେପନ କରନ୍ତି। ବିଶେଷକରି ଏପ୍ରିଲରୁ ବସା ତିଆରିକରି ମେ ମାସରେ ପ୍ରାୟ ଅଣ୍ଡା ଦେଇଥାନ୍ତି। ବାଇଚଢ଼େଇଙ୍କ ମଧ୍ୟରେ ସାଧାରଣତଃ ମାଈ ଏବଂ ଅଣ୍ଡିରା ମିଶିକରି ଗୋଟିଏ ଗଛର ପାଖାପାଖି ବସାକରି ରୁହନ୍ତି। ଅଣ୍ଡିରା ବାଇଚଢେଇ ବସା ନିର୍ମାଣରେ ମୁଖ୍ୟ ଦାୟିତ୍ୱ ତୁଲାଇଥାଏ। ଅଣ୍ଡିରା ବାଇଚଢେଇ ପ୍ରଥମେ ବସା ତିଆରିକରେ ମାତ୍ର ମାଈ ବାଇଚଢେଇ ସେହି ବସାକୁ ଦେଖି ଯଦି ଆକୃଷ୍ଟ ହୁଏ ତେବେ ଦୁଇଜଣ ମିଶି ଆଉଏକ ବସା ତିଆରି କରନ୍ତି। ମାଈ ଚଢେଇର ବସା ଅଣ୍ଡିରା ଚଢେଇ ବସାର ନିର୍ମାଣଶୈଳୀଠାରୁ ଟିକେ ଅଲଗା । ବାଇଚଢେଇ ତା' ବସାର ଗୋଟିଏ ପାର୍ଶ୍ୱରେ ଯିବା ଆସିବା ପାଇଁ ରାସ୍ତା ଏବଂ ଅନ୍ୟ ଏକ ପାର୍ଶ୍ୱରେ ଅଣ୍ଡା ଦେବା ପାଇଁ ପ୍ରକୋଷ୍ଠ ତିଆରି କରିଥାଏ। ବାଇଚଢେଇ ପ୍ରାୟ ତିନି ପ୍ରକାରର ବସା ନିର୍ମାଣ କରିଥାନ୍ତି। ଅଣ୍ଡାଦେବା ପାଇଁ ଅଲଗା ଏକ କୋଠରି ନିର୍ମାଣ କରିଥାଏ। ଅଣ୍ଡିରା ବାଇଚଢ଼େଇ ଯେଉଁଥିରେ ମାଟି ଓ ଗୋବରର ପ୍ରଲେପ ଦେଇଥାଏ। ଛୁଆକୁ ସଂକ୍ରମଣରୁ ରକ୍ଷା କରିବା ପାଇଁ ଏମିତି କରାଯାଇଥାଏ। ବସା ତିଆରି ୧୫ରୁ ୧୮ଦିନ ମଧ୍ୟରେ ଶେଷ କରିଥାଏ।୧୪ରୁ ୧୭ଦିନ ମଧ୍ୟରେ ମାଈ ବାଇଚଢେଇ ଅଣ୍ଡା ଉଷୁମାଇ ଅଣ୍ଡାରୁ ଛୁଆ ଫୁଟାଇଥାଏ । ଏହି ସମୟରେ ଅଣ୍ଡିରା ବାଇଚଢେଇ ମାଈ ବାଇଚଢେଇକୁ ଖାଦ୍ୟ ଯୋଗାଇ ରେ ସାହାଯ୍ୟ କରିଥାଏ। ପ୍ରାୟ୧୭ଦିନ ପରେ ଅଣ୍ଡାରୁ ବାଇଚଢେଇଛୁଆ ବାହାରିଥାଏ।

ଖାଦ୍ୟ ପାଇଁ ବସାଠାରୁ ପ୍ରାୟ୧କି.ମି ଦୂରତାରେ ଏମାନେ ଖାଦ୍ୟ ସଂଗ୍ରହରେ ଘୂରି ବୁଲିଥାନ୍ତି।

**ଖାଦ୍ୟ**–ବାଇଚଢେଇ ବସାବାନ୍ଧି ରହୁଥିବା ଜଳାଶୟ ଚାରିପାଖରେ ଥିବା ଗୁଳ୍ମଜାତୀୟ ଗଛ ଏବଂ କଣ୍ଟାବୁଦାଲତାରୁ କୀଟପତଙ୍ଗ ସଂଗ୍ରହକରି ଖାଦ୍ୟରୂପେ ସେମାନଙ୍କ ଶାବକଙ୍କୁ ଦେଇଥାନ୍ତି। ସାଧାରଣତଃ ଧାନ, ମାଣ୍ଡିଆ, ଯବ, ଚାଉଳ, ଗହମ, ବାଜରାର ଟୁକୁଡାକୁ ସଂଗ୍ରହ କରି ଖାଇଥାନ୍ତି।

**କୃଷକର ବନ୍ଧୁ**–ବବାଇଚଢ଼େଇ ଶସ୍ୟକ୍ଷେତ୍ରରୁ ଅପକାରୀ କୀଟ ଯଥା– ଉଇ, ଝିଣ୍ଟିକା, ସଁବାଳୁଆ, ଲେଡାପୋକକୁ ଖାଇଥାଏ। ଫଳରେ କୀଟନାଶକର ଆବଶ୍ୟକତା ପଡ଼ି ନ ଥାଏ।

**ବିପଦର ଆଗୁଆ ସୂଚନା ଦିଅନ୍ତି–** ଆମ ପରିବେଶରେ–ବିଭିନ୍ନ ସମୟରେ ଦେଖାଦେଉଥିବା ବାତ୍ୟା, ବନ୍ୟା, ଭୂମିକମ୍ପ ଓ ମରୁଡି ଆଦି ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ ଆଗୁଆ ସୂଚନା ଦେଇଥାନ୍ତି। ଏମିତି ପରିସ୍ଥିତି ଆସିବା ପୂର୍ବରୁ ବାଇଚଢ଼େଇ ଅସ୍ୱାଭାବିକ ଭାବେ କିଚିରି ମିଚିରି ରାବର ସ୍ୱରକୁ ଶୁଣାଇଥାନ୍ତି ବୋଲି କେହିକେହି ବିଶ୍ୱାସ କରନ୍ତି।

**ଏମାନଙ୍କ ସୁରକ୍ଷା ପାଇଁ**–ବାଇଚଢ଼େଇ ସୁରକ୍ଷା ସମ୍ପର୍କରେ ପୀତାମ୍ବର

→










ମୋନାଲିସା ଭୁଜବଳ


ରବୀନ୍ଦ୍ର ନାଥ ସାହୁ


ପୀତାମ୍ବର ରାଉତ


ଆଦିତ୍ୟ କୁମାର ଦାଶ

ରାଉତ କୁହନ୍ତି-ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ମା'ମାନଙ୍କର ଏକ ହୃଦୟସ୍ପର୍ଶୀ ଲୋରି -ଧୋରେ ବାୟା ଧୋ.... ଏବେ ବି ଶୁଣିବାକୁ ମିଳେ। ଯାହା ବାଇଚଢ଼େଇ ସମ୍ପର୍କକୁ ମନେପକାଇଦିଏ। ହେଲେ ବାଇଚଢ଼େଇ ଆଜି ବିଲୁପ୍ତର ଦ୍ୱାରଦେଶରେ। ଏହି ଜଙ୍ଗଲୀ ପକ୍ଷୀ ବାଇଚଢ଼େଇଙ୍କ ଉଦ୍ଧାର ଓ ସୁରକ୍ଷା ଏକ ମହତ କାର୍ଯ୍ୟ ମନେକରି ନିଆଳୀ ଅଞ୍ଚଳରେ ତା ୧.୧.୨୦୦୬ ମସିହାରୁ ବାଇଚଢ଼େଇ ସୁରକ୍ଷା ଅଭିଯାନ ଆରମ୍ଭ କରିଥିଲୁ । ଏମାନଙ୍କ ଉଦ୍ଦେଶ୍ୟରେ କେତେକ ତାଳଗଛକୁ ପୂଜା କରିଥିଲୁ । କେହି ତାଳ ଗଛ କାଟନ୍ତୁ ନାହିଁ ଏବଂ ତାଳଗଛ ସୁରକ୍ଷା କରନ୍ତୁ ବୋଲି ଏହି ଅଭିଯାନରେ ସୂଚାଇଥିଲୁ । ପୁରୀ, କଟକ, କେନ୍ଦ୍ରାପଡା, ଜଗତସିଂହପୁର ବିଭିନ୍ନ ଜିଲାର କେତେକ ସ୍ଥାନରେ ତାଳଗଛ ରୋପଣ କରିଥିଲୁ। ବାଇଚଢ଼େଇର ବଂଶ ସୁରକ୍ଷା ନିମନ୍ତେ ବିଭିନ୍ନ ଗାଁରେ ସଭାସମିତି କରି ଜନସଚେତନତା କରିଥିଲୁ। ତେବେ ବାଇଚଢ଼େଇ କେଉଁ କେଉଁ ଗଛରେ ଏବଂ କେଉଁ ମାସରେ ବସାବାନ୍ଧେ ଆଦି ଅନୁସନ୍ଧାନ ଓ ଗବେଷଣା ଜାରିରଖିଛୁ। ୱାଇଲ୍ଡ ଓଡ଼ିଶାର ସମ୍ପାଦିକା ତଥା ବିଏନ୍‌ଏସ୍‌ଏଚ୍ ରାଜ୍ୟ କୋଅର୍ଡିନେଟର ମୋନାଲିସା ଭୁଜବଳ କୁହନ୍ତି- ଏହି ବୁଣାକାରଜାତୀୟ ଜଙ୍ଗଲୀପକ୍ଷୀ ବାଇଚଢ଼େଇ ଦେଶର ସାଂସ୍କୃତିକ ଓ ଐତିହ୍ୟର ଏକ ଅଂଶ। ପରିବେଶ ସନ୍ତୁଳନ ରକ୍ଷାକରିବାରେ ଏମାନଙ୍କ ଭୂମିକା ରହିଛି । କୃଷକଙ୍କ ବନ୍ଧୁ ପରି ଉପକାର କରିଥାନ୍ତି। ଏହିପକ୍ଷୀଙ୍କ ସୁରକ୍ଷା ନିମନ୍ତେ ଜନସଚେତନତା ଆବଶ୍ୟକ ରହିଛି। ଆମେ ୨୦୧୬ରୁ ଏହି ବାଇଚଢ଼େଇଙ୍କ ଗଣନା ଆରମ୍ଭ କରିଛୁ। ପ୍ରତିବର୍ଷ ଓଡ଼ିଶାର ଏକାଧିକ ଜିଲାର ବିଭିନ୍ନ ସ୍ଥାନରେ ବାଇଚଢ଼େଇ ଓ ବସା ଗଣନା ବେଳେ ସାଇଟ୍‌ର ନାମ, ଭୌଗୋଳିକ ଆସ୍ଥାନ ଏବଂ ବିଭିନ୍ନ ପ୍ରଜାତିର ବାଇଚଢ଼େଇ ଯଥା- ପ୍ଲୋସିୟସ ଫିଲିପିନସ, ଷ୍ଟ୍ରେଟ୍ ବୁଣାକାର ପ୍ଲୋସିସମେନର,ବ୍ଲାକଥ୍ରୋଡ଼ ସ୍ୱେନର ପ୍ରଜାତିମାନଙ୍କ ସଂଖ୍ୟା ଆଦିକୁ ଆକଳନ କରିଥାଉ। ଏଥିରେ ପ୍ରକୃତିପ୍ରେମୀ, ପରିବେଶବିତ୍‌ମାନେ ଅଂଶଗ୍ରହଣ କରିଥାନ୍ତି। ଗଞ୍ଜାମ ଜିଲାର ଯୁବ ପରିବେଶବିତ୍ ରବୀନ୍ଦ୍ର ନାଥ ସାହୁ କୁହନ୍ତି-୨୦୦୭ରୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗାଁରେ ବାଇଚଢ଼େଇ ସୁରକ୍ଷା ସମ୍ପର୍କରେ ଜନସଚେତନତା କାର୍ଯ୍ୟକ୍ରମ ଚାଲୁରଖିଛୁ। ମାଗତା ବେହେରା କୁହନ୍ତି, ଚଳିତବର୍ଷ ତୁଳନାରେ ଗଞ୍ଜାମର ଚତ୍ରପୁର, ପୁରୁଷୋତ୍ତମପୁର,



ଖଲିକୋଟ, କବିସୂର୍ଯ୍ୟନଗର, ରଙ୍ଗେଇଲୁଣ୍ଡା ଆଦି କେତେକ ସ୍ଥାନରେ ଅଧିକ ସଂଖ୍ୟାରେ ବାଇଚଢ଼େଇ ବସା ଦେଖିବାକୁ ମିଳିଛି। ଗଞ୍ଜାମ ରେଳଷ୍ଟେଶନ, ଦାମୋଦରପୁର, ବରପଲୀ ଅଞ୍ଚଳରେ ଥିବା କିଛି ଗଛରେ ପ୍ରାୟ୧୫୦ରୁ ଊର୍ଦ୍ଧ୍ୱ ବସା ଦେଖିବାକୁ ମିଳିଛି । ସୁବଳୟା ପଞ୍ଚାୟତର ଗହୀର ବିଲରେ ଥିବା ତାଳଗଛରେ ଅନେକ ବାଇଚଢ଼େଇ ବସା ଦେଖାଯାଏ। ସେହିପରି ପଣିବନ୍ଧ ପଞ୍ଚାୟତର ଖଟିଆକୁଦି କଣ୍ଟିଆଗଡ଼, ପାଲୁର କେନାଲ ବନ୍ଧ ନିକଟରୁ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ବସାଥିବା ନଜିର ରହିଛି। ନୟାଗଡ଼ ଜିଲାର ପରିବେଶବିତ୍ ଇଂ. ଆଦିତ୍ୟ କୁମାର ଦାଶ କୁହନ୍ତି, ଇଣ୍ଡିଆନ ବାର୍ଡ କଞ୍ଜରଭେସନ ନେଟୱର୍କ ପକ୍ଷରୁ ସାରା ଦେଶରେ ବାଇଚଢ଼େଇମାନଙ୍କ ବିଷୟରେ ଗବେଷଣା ଓ ଗଣନା କାର୍ଯ୍ୟ କରାଯାଇଥାଏ। ଗ୍ରୀନ୍‌ଆର୍ଥର କେତେକ ପରିବେଶପ୍ରେମୀ ଆମ ଅଞ୍ଚଳରେ ବାଇଚଢ଼େଇ ଗଣନା କରିଥାନ୍ତି। ଆଖୁ ଓ ମକା କିଆରିରେ ଏମାନେ ମଧ୍ୟ ବସା ବାନ୍ଧିଥାନ୍ତି। ଏହି କ୍ଷୁଦ୍ର ଚଢ଼େଇଟି କୃଷକଙ୍କ ବନ୍ଧୁ ପରି ଜମିରୁ ବିଭିନ୍ନ ପୋକ କୀଟପତଙ୍ଗ ଖାଇବାରେ ସାହାଯ୍ୟ କରିଥାଏ। ମାତ୍ର ଏବେ ଆଗଭଳି ତାଳ, ଖଜୁରି ବୃକ୍ଷ ଆଉ ବହୁଳ ଦେଖାଯାଉ ନ ଥିବାରୁ ବାଇଚଢ଼େଇ ଏପରିକି ବାଧ୍ୟବାଧକତାରେ ପରିବେଶ ଅନୁପଯୋଗୀ ଯାହା କେତେକ ଗହୀର ବିଲ ଉପରେ ଲମ୍ବିଥିବା ଆକାଶଛୁଆଁ ବିଦ୍ୟୁତ ଖୁଣ୍ଟରେ ବାଇଚଢେଇ ବସା ଦେଖିବାକୁ ମିଳୁଛି। ଏମାନଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ବିଭିନ୍ନ ସମୟରେ କେତେକ ଗାଁରେ ଜନସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବନ୍ୟଜନ୍ତୁ ସଂରକ୍ଷଣ ଆଇନ ୧୯୭୨ ମୁତାବକ ବାଇଚଢ଼େଇ ସିଡ୍ୟୁଲ-୪ ଶ୍ରେଣୀରେ ତାଲିକା ଭୁକ୍ତ ହୋଇଛି।

**ସୁରକ୍ଷା ପାଇଁ ଚିନ୍ତା**-ବାଇଚଢ଼େଇ ଦେଖିବାକୁ ଯେତିକି ସୁନ୍ଦର ତାଠାରୁ ଅଧିକସୁନ୍ଦର ତାଙ୍କର ବସା। କିନ୍ତୁ ସମୟକ୍ରମେ ଏମାନେ ବିଲୁପ୍ତ ହେବାକୁ ଲାଗିଲେଣି। କାରଣ ବର୍ତ୍ତମାନର ପରିବେଶରେ ପ୍ରାକୃତିକ ବିପର୍ଯ୍ୟୟ ଏମାନଙ୍କ ପାଇଁ ଦାଉ ସାଜିଛି। ତଥାପି ଏହି ପରିସ୍ଥିତିକୁ ଏମାନେ ମଧ୍ୟ ସାମ୍ନା କରୁଛନ୍ତି। ଆଧୁନିକତାର ରୂପରେ ଗାଁ ଦିନକୁଦିନ ଛୋଟଛୋଟ ସହର ହେଉଛି। ତା'ର ପ୍ରାକୃତିକ ପରିବେଶ ନଷ୍ଟ ହେଉଛି। ବହୁଳମାତ୍ରାରେ କଙ୍କ୍ରିଟ ଜନବସତି ବଢ଼ିଚାଲିଛି। ମାତ୍ର ବୃକ୍ଷରୋପଣ କମିଯାଉଛି। ଆଧୁନିକ ଜ୍ଞାନ ପ୍ରୟୋଗ କରାଯାଇ ନୂତନ କଲମୀ କରଣରେ ବିଭିନ୍ନ ବୃକ୍ଷର ଚାରାଗଛକୁ ରୋପଣ କରାଯାଇଥାଏ। ଏପରି ନୂଆ କିସମର ଗଛ ପ୍ରତି ବାଇଚଢ଼େଇ ଅଚିହ୍ନା ଓ ନିଜକୁ ଅସୁରକ୍ଷିତ ମନେକରିଥାନ୍ତି। ଏଥିଯୋଗୁ ଏହିପରି ଗଛରେ ହୁଏତ ବସାବାନ୍ଧିବାକୁ ଭରସା କରିପାରନ୍ତି ନାହିଁ। ପୁଣି ଏମିତି ଗଛଲତା ଯୋଗୁ ଏମାନଙ୍କ ପାଇଁ ସେପରି ଫୁଲଫଳ ନ ମିଳିବା, ଯଦି କେଉଁଠି ଖାଦ୍ୟଶସ୍ୟ ମିଳେ ଅଧିକାଂଶ ଚାଷଜମିରେ କୀଟନାଶକ ଔଷଧ ଛିଞ୍ଚନ ଯୋଗୁ ଏହି ଖାଦ୍ୟ ଅନୁପଯୋଗୀ ହୋଇଥାଏ। ଏମାନଙ୍କ ଖାଦ୍ୟ ଉପଯୋଗୀ ବିଭିନ୍ନ ପୋକଜୋକ ଦେଖିବାକୁ ବି ମିଳେ ନାହିଁ । ଗାଡ଼ିମୋଟର ଯାତାୟାତରେ ମାତ୍ରାଧିକ ଶବ୍ଦ ଓ ଧୂଆଁ, କଳକାରଖାନାର ଧୂଆଁ ଏବଂ ମୋବାଇଲ ଟାୱାର ଦ୍ୱାରା ମାତ୍ରାଧିକ ତରଙ୍ଗ ବାୟୁମଣ୍ଡଳରେ ସୃଷ୍ଟି ହେବା ଯୋଗୁ ଏମାନଙ୍କ ପାଇଁ ବିପଦ ଦେଖାଦେଇଛି। ଏହି ସୁକୁମାର ପକ୍ଷୀମାନଙ୍କ ସୁରକ୍ଷା ଜରୁରୀ ହୋଇପଡ଼ିଛି।

-ବନବିହାରୀ ବେହେରା








# ଏଭରଗ୍ରୀନ୍ ପ୍ରିଣ୍ଟ୍ସ





**ଫ୍ୟାଶନ ଦୁନିଆରେ ଷ୍ଟାଇଲ୍‌କୁ ନେଇ ପରିବର୍ତ୍ତନ ଆସିବା କିଛି ନୂଆ କଥା ନୁହେଁ। ତଥାପି ଏମିତି କିଛି ପ୍ରିଣ୍ଟ୍ସ ଅଛି ଯାହା ସବୁବେଳେ ଟ୍ରେଣ୍ଡି ଲାଗେ। ସେଥିପାଇଁ ଏହାକୁ ଏଭରଗ୍ରୀନ୍ ପ୍ରିଣ୍ଟ୍ସ କୁହାଯାଇଥାଏ। ମୁଖ୍ୟକଥା ହେଉଛି ଏହି ପ୍ରିଣ୍ଟ୍ସର ଉଭୟ ଟ୍ରାଡିଶନାଲ୍ ଓ ୱେଷ୍ଟର୍ନ ଆଉଟ୍‌ଫିଟ୍ ଆକର୍ଷଣୀୟ ଲୁକ୍ ଦେଇଥାଏ...**



**ଚେକ୍ସ ପ୍ରିଣ୍ଟ:** ଏହି ପ୍ରିଣ୍ଟର ଡ୍ରେସ୍ ସବୁବେଳେ ଟ୍ରେଣ୍ଡି ଲୁକ୍ ଦେଇଥାଏ। ଗରମ ଦିନେ ପିନ୍ଧାଯାଉଥିବା ଶର୍ଟ ଡ୍ରେସ୍ ହେଉ ଅବା ଶୀତଦିନିଆ ସ୍ୱେଟର୍ କିମ୍ବା ଜ୍ୟାକେଟ୍‌ରେ ଚେକ୍ସ ପ୍ରିଣ୍ଟ ଥିଲେ ତାହା ଆକର୍ଷଣୀୟ ଦେଖାଯାଇଥାଏ। ଏପରିକି ଏହି ପ୍ରିଣ୍ଟର ଶାର୍ଟ, ଟ୍ରାଉଜର୍, ପେନ୍‌ସିଲ୍ ସ୍କର୍ଟ ତଥା ସ୍କାର୍ଫ ବି ଷ୍ଟାଇଲିଶ୍ ଲାଗିଥାଏ।

**ପୋଲ୍‌କା ଡଟ୍ ପ୍ରିଣ୍ଟ:** ଏହି ପ୍ରିଣ୍ଟ ମଡର୍ନ ଲୁକ୍ ଦେଇଥାଏ। ଯେ କୌଣସି ଆଉଟ୍‌ଫିଟ୍‌ରେ ଏହି ପ୍ରିଣ୍ଟ ବେଶ୍ ଭଲ ମାନିଥାଏ। ଖାସ୍‌କରି ଫ୍ରକ୍ ଷ୍ଟାଇଲ୍ ଡ୍ରେସ୍‌ରେ ଉଭୟ ଛୋଟ ହେଉ କିମ୍ବା ବଡ଼ ସାଇଜ୍‌ର ପୋଲ୍‌କା ଡଟ୍ ଥିଲେ ସୁନ୍ଦର ଲାଗେ।

**ଷ୍ଟ୍ରାଇପ୍ସ ପ୍ରିଣ୍ଟ:** ପୂର୍ବେ କେବଳ ଷ୍ଟ୍ରାଇପ୍ସ ପ୍ରିଣ୍ଟର ଶାର୍ଟ ଆଉ ଟ୍ରାଉଜର୍ ଦେଖିବାକୁ ମିଳୁଥିଲା। କିନ୍ତୁ ଏବେ ଏହି ପ୍ରିଣ୍ଟର ଅନେକ ଷ୍ଟାଇଲିଶ୍ ଡ୍ରେସ୍, ଶାଢ଼ି, ବ୍ୟାଗ୍ସ, ଫୁଟ୍‌ୱେର୍ ତଥା ବିଭିନ୍ନ ପ୍ରକାର ଫ୍ୟାଶନ୍ ଆଇଟମ୍ସ ଆସିଲାଣି। ଏହି ପ୍ରିଣ୍ଟର ଉଭୟ ହୋରିଜୋଣ୍ଟାଲ୍, ଭର୍ଟିକାଲ ପାର୍ଟନ ବାଲା ଆଉଟ୍‌ଫିଟ୍ ଖୁବ ସୁନ୍ଦର ଲାଗିଥାଏ।

**ଫ୍ଲୋରାଲ୍ ପ୍ରିଣ୍ଟ:** ଏହା ବି ଏକ ଏଭରଗ୍ରୀନ୍ ପ୍ରିଣ୍ଟ। ଏହି ପ୍ରିଣ୍ଟ ଥିବା ସବୁ ଭେରାଇଟିର ଡ୍ରେସ୍‌କୁ ଯେ କୌଣସି ସମୟରେ କ୍ୟାରି କରାଯାଇପାରେ। ଏପରିକି ସବୁ ବର୍ଗର ମହିଳାଙ୍କୁ ଏହି ପ୍ରିଣ୍ଟ ବେଶ୍ ଭଲ ମାନିଥାଏ। ଶାଢ଼ି, ସାଲ୍‌ୱାର୍ ହେଉ ଅବା ଅନ୍ୟ କୌଣସି ମଡର୍ନ ଡ୍ରେସ୍ ଏପରିକି ବ୍ଲାଉଜ୍, ମ୍ୟାକ୍ସି, ସ୍କାର୍ଫରେ ଏହି ପ୍ରିଣ୍ଟ ଖୁବ୍ ସୁନ୍ଦର ଦେଖାଯାଇଥାଏ।

**ଆନିମଲ୍ ପ୍ରିଣ୍ଟ:** ବାଘ, ଚିତାବାଘ, ଜେବ୍ରା ଭଳି ପଶୁଙ୍କ ଶରୀର ପ୍ରିଣ୍ଟର ଫ୍ୟାଶନ୍ ଏବେ ଖୁବ୍ ଚାଲିଛି, ଯାହାକୁ ଆନିମଲ୍ ପ୍ରିଣ୍ଟ କୁହାଯାଇଥାଏ। ଡିଜାଇନର୍ କପଡା ବ୍ୟତିତ ନର୍ମାଲ୍ ଆଉଟ୍‌ଫିଟ୍‌ରେ ବି ଏହି ପ୍ରିଣ୍ଟ ଖୁବ୍ ସୁନ୍ଦର ଦେଖାଯାଇଥାଏ। ସ୍କର୍ଟ, ଟପ୍ସ, ଜ୍ୟାକେଟ୍, ପ୍ୟାଣ୍ଟ, ଶାଢ଼ି ଏପରିକି ହ୍ୟାଣ୍ଡବ୍ୟାଗ୍, ଶୁ ଆଦିରେ ବି ଏହି ପ୍ରିଣ୍ଟ ଖୁବ୍ ଭଲ ଲାଗିଥାଏ।

**ନେଚର୍ ପ୍ରିଣ୍ଟ:** ଏହି ପ୍ରିଣ୍ଟର ଆଉଟ୍‌ଫିଟ୍ ଆପଣଙ୍କୁ ସେଣ୍ଟର ଅଫ୍ ଆଟ୍ରାକ୍ସନ୍ ଲୁକ୍ ଦେଇଥାଏ। ସ୍କର୍ଟଠାରୁ ଆରମ୍ଭ କରି ଟପ୍ସ, ମ୍ୟାକ୍ସି ଡ୍ରେସ୍ ଆଦିରେ ଏହି ପ୍ରିଣ୍ଟ ଖୁବ୍ ସୁନ୍ଦର ଦେଖାଯାଇଥାଏ।

**ଜୋମେଟ୍ରିକାଲ୍ ପ୍ରିଣ୍ଟ:** ସାଧାରଣତଃ ଟ୍ରାଇଆଙ୍ଗେଲ୍, ଜିକ୍-ଜାକ୍, ରାଉଣ୍ଡ, ଡାଇମଣ୍ଡ, ଓଭାଲ୍ ଇତ୍ୟାଦି ସେପ୍‌ବାଲା ପାଟର୍ନକୁ ଜୋମେଟ୍ରିକାଲ୍ ପ୍ରିଣ୍ଟ କୁହାଯାଇଥାଏ। ଏହାର ଟ୍ରେଣ୍ଡ କେବେ ବି ପୁରୁଣା ହୁଏ ନାହିଁ। କେବଳ ୱେଷ୍ଟର୍ନ ଆଉଟ୍‌ଫିଟ୍ ନୁହେଁ ଟ୍ରାଡିଶନାଲ୍ ଡ୍ରେସ୍‌ଗୁଡ଼ିକରେ ବି ଏହି ପ୍ରିଣ୍ଟ ବେଶ୍ ଭଲ ଲାଗିଥାଏ।










# ଜଣେ ନାଏକଙ୍କ କଥା

୧୯୭୧ରେ ସଂଗଠିତ ହୋଇଥିଲା ବାଂଲାଦେଶ ମୁକ୍ତିସଂଗ୍ରାମ। ଏହି ଭୂଖଣ୍ଡ (ସେତେବେଳେ ପୂର୍ବ ପାକିସ୍ତାନ ଭାବେ ପରିଚିତ)କୁ ସ୍ୱତନ୍ତ୍ର କରାଇବା ଲାଗି ପାକିସ୍ତାନ ବିରୋଧରେ ଯୁଦ୍ଧଭୂଇଁକୁ ଓହ୍ଲାଇଥିଲା ଭାରତ। ସେ ସମୟରେ ଜଳପଥ ଥିଲା ଉଭୟ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ। ମାତ୍ର ସମୁଦ୍ରରେ ଭାରତୀୟ ନୌବାହିନୀ (ୱେଷ୍ଟର୍ଣ୍ଣ ଫ୍ଲିଟ୍)ର ସମରସଜ୍ଜା ଓ ଦକ୍ଷ ରଣକୌଶଳ ଯୋଗୁ ଦିନ କେଇଟାରେ ହାର ମାନିଥିଲା ପାକିସ୍ତାନ। ଆଉ ସବୁଦିନ ପାଇଁ ମାନଚିତ୍ରରୁ ଲିଭିଗଲା ପୂର୍ବ ପାକିସ୍ତାନ। ଏହି ବିଜୟର ଶ୍ରେୟ ଯେଉଁ କେତେଜଣ ଭାରତୀୟ ସେନାଧିକାରୀଙ୍କୁ ଦିଆଯାଏ ସେମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଜଣେ ଓଡ଼ିଆ। ସେ ହେଲେ ତତ୍କାଳୀନ ଇଷ୍ଟର୍ଣ୍ଣଫ୍ଲିଟର କମାଣ୍ଡିଂ ଫ୍ଲାଗ୍ ଅଫିସର ଶ୍ରୀହରିଲାଲ ଶର୍ମା। ପରବର୍ତ୍ତୀ ସମୟରେ ନୌସେନାର ଦ୍ୱିତୀୟ ସର୍ବୋଚ୍ଚ ପଦବୀ 'ଭାଇସ୍ ଆଡ୍‌ମିରାଲ'ରେ ଆସୀନ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ଏସ.ଏଚ. ଶର୍ମା ଭାବେ ପରିଚିତ ଏହି ବ୍ୟକ୍ତିତ୍ୱ।

ଘଟଣାବହୁଳ ଜୀବନର ମୂକସାକ୍ଷୀ ହରିଲାଲ। ୧୯୨୨ ଡିସେମ୍ବର ୧ରେ ଏବର ଗଞ୍ଜାମ ଜିଲାରେ ତାଙ୍କର ଜନ୍ମ। ନଅ ଭଉଣୀଭାଇ ମଧ୍ୟରେ ସେ ଥିଲେ ସବା ବଡ଼। ମାତ୍ର ୧୩ ବର୍ଷ ବୟସରେ ସେତେବେଳର ମାଡ୍ରାସ ବୋର୍ଡରୁ ମାଟ୍ରିକ ପରୀକ୍ଷାରେ ହୋଇଥିଲେ ଉତ୍ତୀର୍ଣ୍ଣ । ପିତା ନରସିଂହ ପଣ୍ଡା ଥିଲେ ତତ୍କାଳୀନ ଛତ୍ରପୁରର ସବ୍‌ରେଜିଷ୍ଟ୍ରାର। ଜଳଜାହାଜରେ ପୁଅର କ୍ୟାରିୟର ପାଇଁ ସେ ଦେଖିଥିଲେ ସ୍ୱପ୍ନ ଆଉ ତାକୁ ସାକାର କରିବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଲେ। ଟ୍ରେନିଂ ଶିପ୍ 'ଡଫେରିନ'ରେ ଯୋଗ ଦେବା ଲାଗି କଲିକତାଠାରେ ଅନୁଷ୍ଠିତ ଏଣ୍ଟ୍ରାନ୍ସ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେଲେ ହରିଲାଲ। ଫାଇନାଲ ଇଣ୍ଟରଭ୍ୟୁ ଲାଗି ପୁଅ ସହ ବମ୍ବେ ଯିବା ପାଇଁ ବାହାରିବା ବେଳକୁ ନରସିଂହଙ୍କୁ ଛୁଟିଦେବାକୁ ସିଧା ମନା କରିଦେଲେ ଉପରିସ୍ଥ ଅଫିସର। ବାଧହୋଇ ମାଡ୍ରାସ ଯାଇ ତାଙ୍କ ବିଭାଗର ଡାଇରେକ୍ଟର ଜେନେରାଲଙ୍କଠାରୁ ଛୁଟି ମଞ୍ଜୁର କରାଇ ଆସିଲେ ସେ। ଫାଇନାଲ ଇଣ୍ଟରଭ୍ୟୁରେ ଯୋଗ୍ୟ ବିବେଚିତ ହୋଇ 'ଟି.ଏସ. ଡଫେରିନ'ରେ ଯୋଗଦେଲେ ହରିଲାଲ। ସେତେବେଳେ ତାଙ୍କୁ ବୟସ ହୋଇଥିଲା ସାଢ଼େ ତେରବର୍ଷ । ତିନି ବର୍ଷର ଟ୍ରେନିଂ ଶେଷ ପରେ ସେ ହୋଇଗଲେ ଚିଫ୍ କ୍ୟାଡେଟ୍ କ୍ୟାପ୍‌ଟେନ । ଆଉ ଫାଇନାଲ ପରୀକ୍ଷାରେ ସମସ୍ତ ବିଭାଗରେ ପ୍ରଥମ ହୋଇ ବେଷ୍ଟ ଅଲରାଉଣ୍ଡ କ୍ୟାଡେଟ୍ ଭାବେ 'ଭାଇସରୟ ଗୋଲ୍ଡ ମେଡାଲ' ହାସଲ କରିବାରେ ସମର୍ଥ ହୋଇଥିଲେ ସେ।





ମର୍ଚ୍ଚାଣ୍ଟ ନେଭିରୁ ଆରମ୍ଭ ହେଲା ତାଙ୍କର କର୍ମମୟ ଜୀବନ। ୧୯୪୦ ଫେବୃୟାରୀରେ ସେ ବ୍ରିଟିଶ ଇଣ୍ଡିଆ ଷ୍ଟିମ୍ ନାଭିଗେସନ କମ୍ପାନୀରେ ଆପେରେଣ୍ଟିସ ଭାବେ ଯୋଗ ଦେଲେ। ପରବର୍ତ୍ତୀ ସମୟରେ ଆଉ କେତେକ ଜାହାଜରେ କାର୍ଯ୍ୟ କରି ସେ ସେକେଣ୍ଡ ଅଫିସର ର୍‍ୟାଙ୍କ୍‌କୁ ଉନ୍ନିତ ହୋଇଥିଲେ। ସେତେବେଳକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ମର୍ଚ୍ଚାଣ୍ଟ ଶିପିଂ କମ୍ପାନୀର ଆକର୍ଷଣୀୟ ବେତନରେ ପ୍ରଲୁବ୍ଧ ନ ହୋଇ ସେ ରୟାଲ ଇଣ୍ଡିଆନ ନାଭାଲ ରିଜର୍ଭରେ ଯୋଗଦେଲେ। ମାଲେସିଆ ଏବଂ ବର୍ମାରେ ଯୁଦ୍ଧଜାହାଜ ଉପରେ ନଜର ରଖିବା କାର୍ଯ୍ୟ ତାଙ୍କ ଉପରେ ନ୍ୟସ୍ତ ହୋଇଥିଲା। ଯୁଦ୍ଧ ପରବର୍ତ୍ତୀ ସମୟରେ ନବଗଠିତ 'ରୟାଲ ଇଣ୍ଡିଆନ ନେଭି'ରେ ସର୍ବ କନିଷ୍ଠ ଲ୍ୟୁଟନାଣ୍ଟ ଭାବେ ଯୋଗଦେଲେ ହରିଲାଲ। ନିଜର କାର୍ଯ୍ୟ ଦକ୍ଷତା ଲାଗି ଅଳ୍ପ ବୟସରେ ବିଭିନ୍ନ ଉଚ୍ଚପଦବୀ ହାସଲ ସହ ମିଳିଥିଲା ଢେର ପ୍ରଶଂସା। ତେବେ ଏକ ସମୟରେ ୧୨ଜଣ ଅଫିସରଙ୍କୁ ଟପି କ୍ୟାପଟେନ ହେବା ଏହାର ଅନ୍ୟତମ ଦୃଷ୍ଟାନ୍ତ। ଆଇଏନଏସ ବ୍ରହ୍ମପୁତ୍ରର କ୍ୟାପଟେନ ଥିବା ସମୟରେ ଏକ ଅଭାବନୀୟ ଘଟଣା କ୍ରମେ ସମୁଦ୍ରରେ ଫସି ରହିଥିବା ଏହି ଜାହାଜକୁ ସଫଳ ଭାବେ ସେହି ସ୍ଥାନରୁ ଉଦ୍ଧାର କରି ଆଣିଥିଲେ। ସେହିଭଳି ଭାରତ ପାକିସ୍ତାନ ଯୁଦ୍ଧ ସମୟରେ ଯୁଦ୍ଧ ଜାହାଜ ମହୀଶୂରକୁ କଚ୍ଛ ଉପକୂଳରୁ କୌଶଳକ୍ରମେ ବମ୍ବେ ହାର୍ବରରେ ପହଞ୍ଚାଇ ନିଜ ଦକ୍ଷତା ପ୍ରଦର୍ଶନ କରାଇଥିଲେ। ପରବର୍ତ୍ତୀ ସମୟରେ ରିଅର ଆଡମିରାଲ ପଦକୁ ପ୍ରମୋଶନ ପାଇବା ସହ ନାସନାଲ ଡିଫେନ୍ସ କଲେଜରେ ସିନିୟର ଡାଇରେକଟିଙ୍ଗ ଷ୍ଟାଫ ଭାବେ ନିଯୁକ୍ତି ପାଇଥିଲେ ସେ। ସୂଚନାଯୋଗ୍ୟ ଏନଡିଏ କୋର୍ସ ନ କରି ଏଭଳି ପଦବୀ ହାସଲ କରିବାରେ ସେ ସେତେବେଳେ ଥିଲେ ପ୍ରଥମ ଅଫିସର। ଏଠାରେ କାର୍ଯ୍ୟ କରିବା ଅବସରରେ ଗଠିତ ହୋଇଥିଲା ଇଷ୍ଟର୍ନ ଫ୍ଲିଟ। ଏହାର ପ୍ରଥମ କମାଣ୍ଡିଙ୍ଗ ଫ୍ଲାଗ ଅଫିସର ଭାବେ ତାଙ୍କୁ ନିଯୁକ୍ତି ମିଳିଲା। ଏହି ଫ୍ଲିଟ (ଯୁଦ୍ଧ ଜାହାଜ ସମୂହ)କୁ ନେଇ ବଙ୍ଗୋପ ସାଗରରେ ଅବସ୍ଥାପିତ କରାଇ ଗୁପ୍ତଭାବରେ ପାକିସ୍ତାନୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା କାର୍ଯ୍ୟ ସମ୍ପାଦିତ କରାଇଥିଲେ ଏହି ସେନାଧିକାରୀ।

୧୯୭୧ରେ ବାଂଲା ମୁକ୍ତି ସଂଗ୍ରାମ ଲାଗି ଯୁଦ୍ଧରେ ଏହି ଇଷ୍ଟର୍ନ ଫ୍ଲିଟର ଭୂମିକା ସମ୍ପର୍କରେ ହରିଲାଲ କୁହନ୍ତି-' ମୋ ପାଇଁ ଏହା ଥିଲା ବଡ ପରୀକ୍ଷା । ତତ୍କାଳୀନ ପୂର୍ବ ପାକିସ୍ତାନ ଅଧୀନସ୍ଥ ସମସ୍ତ ପୋର୍ଟକୁ ଆମର ଯୁଦ୍ଧ ଜାହାଜ ଦ୍ୱାରା ଘେରାବନ୍ଦୀ କରି ଦିଆଯାଇଥିଲା। ଫଳରେ ପାକିସ୍ତାନ ଆଡୁ ଏପଟରୁ ସେଠାକୁ କୌଣସି ଯୁଦ୍ଧ ଜାହାଜ ଯିବା କଷ୍ଟକର ହୋଇପଡ଼ିଲା। ପୁଣି ଆଇଏନଏସ ବିକ୍ରାନ୍ତକୁ ପୂର୍ବ ପାକିସ୍ତାନୀ ପୋର୍ଟଠାରୁ ଯଥେଷ୍ଟ ନିରାପଦ ଦୂରତ୍ୱ(୯୦ମାଇଲ)ରେ ରଖିବା ସହ ଦିନକୁ ୫ ଥର ବମିଙ୍ଗ୍ କରିବା ପାଇଁ ଆମକୁ ନିର୍ଦ୍ଦେଶ ଥିଲା। ମାତ୍ର ସେତେବେଳର ଅବସ୍ଥାକୁ ନିରୀକ୍ଷଣ କରି ସେହି ନିୟମ ପରିବର୍ତ୍ତେ ଆଇଏନଏସ ବିକ୍ରାନ୍ତକୁ ୬୦ ମାଇଲ ଦୂରରେ ରଖିବା ସହ ଦିନକୁ ୯୦ ଥର ବମିଙ୍ଗ କରିବା ଲାଗି ନିଷ୍ପତ୍ତି ନେଇଥିଲି। ଆମ ଯୁଦ୍ଧ ଜାହାଜରୁ ବିମାନ ଯାଇ ଚିଟ୍ଟାଗଙ୍ଗ ଏବଂ କକ୍ସ ବଜାରରେ ଥିବା ଶତ୍ରୁ ପକ୍ଷର ବିଭିନ୍ନ ଘାଟି ଏବଂ ଯୁଦ୍ଧାସ୍ତ୍ରକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଲା। ଫଳରେ ଅଳ୍ପ ଦିନ ମଧ୍ୟରେ ପାକିସ୍ତାନୀକୁ ହରାଇବା ଭାରତୀୟ ସେନା ପକ୍ଷରେ ସମ୍ଭବ ହୋଇଥିଲା। ତେବେ ଏହି ଯୁଦ୍ଧ ସମୟରେ ପାକିସ୍ତାନ ତା'ର ବୁଡାଜାହାଜ ପିଏନଏସ ଗାଜିକୁ ଏଠାକୁ ପଠାଇଥିଲା। କିନ୍ତୁ କୌଶଳକ୍ରମେ ବିଧ୍ୱଂସକାରୀ ଯୁଦ୍ଧ ଜାହାଜ ରାଜପୁତ ସହାୟତାରେ ବିଶାଖାପାଟଣା ନିକଟବର୍ତ୍ତୀ ଅଞ୍ଚଳରେ ଗାଜିକୁ ସମ୍ପୂର୍ଣ୍ଣ ବୁଡାଇ ଦିଆଯାଇଥିଲା। ମାତ୍ର ଯେତେବେଳେ ଜାଣିବାକୁ ପାଇଲି ମୋ ବଡ ପୁଅ ଲ୍ୟୁଟନାଣ୍ଟ ଦୀନବନ୍ଧୁ ଶର୍ମା ସେହି 'ରାଜପୁତ'ରେ ନାଭିଗେଟିଂ ଅଫିସର ଥିଲେ, ସେତେବେଳେ ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି। କୋଚିନରେ ସେ ନାଭିଗେଶନରେ ସ୍ପେସିଆଲ କୋର୍ସ କରୁଥିବାବେଳେ ଯୁଦ୍ଧ ଯୋଗୁ ପ୍ରଶିକ୍ଷଣ ବନ୍ଦ ରହିଥିଲା ଏବଂ ଅନୁରୋଧ କ୍ରମେ ସେ ଯୁଦ୍ଧଜାହାଜ ରାଜପୁତରେ ନିଯୁକ୍ତି ପାଇଥଲା। ତେବେ ବାଂଲାଯୁଦ୍ଧ ସମୟରେ ଦିଆଯାଇଥିବା ନିର୍ଦ୍ଦେଶକୁ ଅମାନ୍ୟ କରି ତତ୍କାଳ ଅବସ୍ଥାନୁଯାୟୀ ନିଷ୍ପତ୍ତି କିପରି ଫଳବତୀ ହେଲା ସେ ସମୟର ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କୁ ଅବଗତ କରାଇଥିଲି । ମାତ୍ର ଏହା ଶୁଣିବା କ୍ଷଣି ସେ କିଛି ସମୟ ନୀରବ ହୋଇଯାଇଥିଲେ। କିନ୍ତୁ ତା'ପରେ ସେ ସାବାସୀ ଦେଇଥିଲେ।'

### ତିନି ପିଢି କ୍ୟାପ୍‌ଟେନ

୧୨ଜଣ ଅଫିସରଙ୍କୁ ଟପି କ୍ୟାପଟେନ ହୋଇଥିଲେ ହରିଲାଲ। ତାଙ୍କ ଦୁଇ ପୁତ୍ର ଦୀନବନ୍ଧୁ ଓ ନବୀନ ମଧ୍ୟ କ୍ୟାପ୍‌ଟେନ ଭାବେ କାର୍ଯ୍ୟ କରିଛନ୍ତି। ନାତି ଅନୋଜ (ନବୀନଙ୍କ ପୁତ୍ର) ଏବେ ଏକ ଶିପିଂ କମ୍ପାନୀରେ କ୍ୟାପଟେନ ଭାବେ କାର୍ଯ୍ୟରତ।

ଭାଇସ୍ ଆଡ୍‌ମିରାଲ ପଦବୀକୁ ଉନ୍ନିତ ହେବାପରେ ନାସନାଲ ଡିଫେନ୍ସ କଲେଜର କମାଣ୍ଡାଣ୍ଟ ଭାବେ ଅବସ୍ଥାପିତ ହୋଇଥିଲେ। ସେତେବେଳେ ପ୍ରାୟ ଜାଣି ଯାଇଥିଲେ ଯେ ଭବିଷ୍ୟତରେ ହରିଲାଲ ନୌସେନାର ମୁଖ୍ୟ(ଚିଫ ଅଫ୍ ନାଭାଲ ଷ୍ଟାଫ) ହେବେ। କିନ୍ତୁ ଇନ୍ଦିରା ଗାନ୍ଧୀଙ୍କ ସରକାରର ପରିବର୍ତ୍ତନ ହୋଇଗଲା। ମାତ୍ର ୫୫ ବର୍ଷ ବୟସରେ ଭାଇସ ଆଡମିରାଲ ଶର୍ମାଙ୍କୁ ଅବସର ନେବାକୁ ପଡ଼ିଥିଲା। ସେତେବେଳକୁ ଇଷ୍ଟର୍ଣ୍ଣ ନାଭାଲ କମାଣ୍ଡର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଅବସର ପରେ ସେ ଫେରି ଆସିଲେ ଓଡ଼ିଶା। ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟୋଗ 'ଆଇପିଆଇବିଇଏଲ'ର ଚେୟାରମ୍ୟାନ ଭାବେ କାର୍ଯ୍ୟ କରିଥିଲେ। ସେଠାରେ ମଧ୍ୟ ସେ ତାଙ୍କ ଦକ୍ଷତା ପ୍ରତିପାଦିତ କରାଇଥିଲେ।

ଭୁବନେଶ୍ୱରରେ ସ୍ଥାୟୀ ବସତି ପରେ ସେ ୱାର ଭେଟେରାନ୍ସ ଆସୋସିଏଶନ ଓ ନେଭି ଫାଉଣ୍ଡେଶନ ଅଫ ଓଡ଼ିଶାର ପାଟ୍ରନ ସାଜିଲେ। କିଛି ବର୍ଷ ପୂର୍ବେ ତାଙ୍କ ପତ୍ନୀ ହିମମୟୀଙ୍କର ପରଲୋକ ଘଟିଛି। ଏବେ ସେ ଗୀତାପାଠ, ଇ-ମେଲ୍ ଚେକ୍, ବ୍ୟାୟାମ, ସନ୍ଧ୍ୟାରେ ଭ୍ରମଣ ସହ ବ୍ୟାଙ୍କକୁ ଯାଇ ନିଜର କାର୍ଯ୍ୟ କରୁଛନ୍ତି। ସେ ଜଣେ କ୍ରିକେଟ ଫ୍ୟାନ। ଭାରତ ଖେଳୁଥିବା ସମସ୍ତ ମ୍ୟାଚ ସେ ଟିଭିରେ ଯେପରି ହେଲେ ଦେଖିଥାନ୍ତି। ପୁତ୍ର, ପୁତ୍ରବଧୂ, ନାତି ତଥା ଅନ୍ୟ ଆତ୍ମୀୟ ସ୍ୱଜନଙ୍କ ଗହଣରେ ଦିନ ବିତାଉଛନ୍ତି। ପରିଶ୍ରମକୁ ଜୀବନର ମନ୍ତ୍ର ଭାବେ ଆଦରି ଆସିଥିବା ପରମ ବିଶିଷ୍ଟ ସେବା ମଡେଲ ପ୍ରାପ୍ତ ଏହି ପୂର୍ବତନ ସେନାଧିକାରୀ ୯୮ ବର୍ଷ ବୟସରେ ବି ଚଳଚଞ୍ଚଳ।



ପୁତ୍ର ନବୀନ, ପୌତ୍ର ଅନୋଜଙ୍କ ସହ ଶ୍ରୀହରିଲାଲ

-ବୀରଭଦ୍ର ବିଶ୍ୱାଳ

# ଜ୍ଞାନ ଉଦୟ

**ଶିବ ମିଶ୍ର**


ଉଦୟବାବା ଜଣେ ଏମିତି ସେମିତି ବାବା ନୁହନ୍ତି। ସିଏ ଚାହିଁ ଦେଲେ ଅଭାଗାର ଭାଗ୍ୟ ଉଦୟ ହୋଇଯିବ। ଦୁର୍ବଳର ବଳ ଉଦୟ ହୋଇଯିବ। ଏମିତି କି ବାବା ଛୁଇଁ ଦେଲେ ନିଃସନ୍ତାନଙ୍କ ଗର୍ଭ ଉଦୟ ହୋଇଯିବା ବି ଥୟ।

ସେହି ମହାନ୍ ବାବା ଏବେ ବିଜେ କରିଛନ୍ତି,ଏଇ ଆମ ସହରରେ। ଚେଲା ଚାମୁଣ୍ଡାଙ୍କ ସହ ଅବସ୍ଥାନ କରୁଛନ୍ତି ଏଠାରେ ଥିବା ଏକ ଧର୍ମଶାଳାରେ। ବାବା ଦେବ ଦେବ ମହାଦେବଙ୍କ ଅବତାର। ସିଏ ନିଜ ଇଚ୍ଛାରେ ଏହି ଶରୀର ଧାରଣ କରି ଧରାବତରଣ କରିଛନ୍ତି, ନିଜ ଇଚ୍ଛାରେ ଧରାତ୍ୟାଗ କରି, ଦେବ ଲୋକକୁ ଫେରିଯିବେ। ଏକଥା ବାବା କହନ୍ତି ନାହିଁ, କହନ୍ତି ତାଙ୍କର ଶିଷ୍ୟମାନେ। ବାବାଙ୍କର ଆସକ୍ତି ନାହିଁ। ଲୋଭ ନାହିଁ। ସିଏ ଭୋଗ ବିଳାସକୁ ବିଷ ତୁଲ୍ୟ, ଆଉ ମଣି କାଞ୍ଚନକୁ ମାଟି ସମ ମଣନ୍ତି। ଟଙ୍କା ପଇସାକୁ ଆଡ଼ ଆଖିରେ ଅନାନ୍ତି ନାହିଁ। ମାଗଣାରେ ଦର୍ଶନ ଦେଇ ଆଶୀର୍ବାଦ ବାଣ୍ଟନ୍ତି।

ଏମନ୍ତ କଥା ଶୁଣି ବାବାଙ୍କୁ ଦର୍ଶନ କରିବା ପାଇଁ ମୋର ମନ ଉଚ୍ଛନ୍ନ ହେଲା। ସାଙ୍ଗରେ ସହ– ଧର୍ମିଣୀ ନ ଥିଲେ ଧର୍ମ ଅର୍ଜନ ହୁଏ ନାହିଁ ବୋଲି ଜାଣି ଥିବାରୁ ମୁଁ ସପତ୍ନୀକ ବାବାଙ୍କ ଦର୍ଶନାର୍ଥେ ବାହାରିଲି। ବାବା ରହୁଥିବା ଧର୍ମଶାଳା ପାଖରେ ଅସ୍ଥାୟୀ ଭାବେ ନିର୍ମିତ ଜୋତା ଷ୍ଟାଣ୍ଡର ଅନତି ଦୂରରେ ଚଉକିଟିଏ ପକାଇ ବସିଥିବା,ବାବାଙ୍କର ଜଣେ ଶିଷ୍ୟ ମୋତେ ଚାରି ଖଣ୍ଡ ରସିଦ କାଗଜ ବଢାଇ ଦେଲେ। ସେଥିରୁ ଗୋଟିଏ ଥିଲା ଆମ ଜୋତା ଚପଲର ନିରାପତ୍ତା ପାଇଁ, ଆଉ ଗୋଟିଏ ଥିଲା ଆମ ଧନ ଜୀବନର ସୁରକ୍ଷା ପାଇଁ, ତୃତୀୟଟି ଥିଲା ସେଠାରେ ଖୋଲା ଯାଇଥିବା ପାନୀୟଜଳ କେନ୍ଦ୍ର ଏବଂ ବିଜୁଳି ପଙ୍ଖାର ପବନ ପାଇଁ। ଚତୁର୍ଥଟି ବାବାଙ୍କ ପୂଜାଅର୍ଚ୍ଚନା ନିମନ୍ତେ ଯୋଗାଇ ଦିଆ ଯାଉଥିବା ଫୁଲ ଓ ବେଲପତ୍ର ପାଇଁ ଦେୟର ରସିଦ। ଏହି ଚାରିଟି ରସିଦ ବାବଦରେ ଗାଏ ମୋଟ ଚାରି ଶହ ଚଉରାଳିଶ ଟଙ୍କା ନଗଦ ପୈଠ କରିବା ପରେ, ଆମେ ସ୍ୱାମୀ ସ୍ତ୍ରୀ ଦୁହେଁ ମାଗଣାରେ ବାବାଙ୍କ ଦର୍ଶନ ଲାଭ କରିବାର ଦିବ୍ୟ ସୁଯୋଗ ଲାଭ କଲୁ।

ସେଠାରୁ ଘରକୁ ଫେରିବା ପାଇଁ ଟାଉନବସ୍‌ର ଟିକଟ କାଟିବାକୁ ମୁଁ ମୋ ଶାର୍ଟ ପକେଟ ଦରାଣ୍ଡିଲା ବେଳକୁ, ମୋର ଜଣେ ଘନିଷ୍ଠ ବନ୍ଧୁ ଦେଖା ହେଲେ। ଆମେ ପତି ପତ୍ନୀ, ଉଦୟ ବାବାଙ୍କ ଦର୍ଶନ ପାଇଁ ଆସିଥିଲୁ ବୋଲି ଶୁଣି, ସିଏ ମୋତେ କହିଲେ – ଏମିତି ତ, ତୁମେ ଅଭାଗା ନୁହଁ କି ଦୁର୍ବଳ ନୁହଁ। ତୁମ ସ୍ତ୍ରୀ ସନ୍ତାନହୀନା ନୁହନ୍ତି। ତେବେ ବାବାଙ୍କୁ ଦର୍ଶନ କରିବା ଦ୍ୱାରା ତମର ପୁଣି କ'ଣ ଉଦୟ ହେଲା ? ମୁଁ ଟିକିଏ ଏପାଖ ସେପାଖକୁ ଚାହିଁବା ପରେ, ବନ୍ଧୁଙ୍କୁ ମୋର ଖାଲି ପକେଟଟି ଦେଖାଇ କହିଲି – ଆମର 'ଜ୍ଞାନ ଉଦୟ' ହେଲା।

*ବାଣପୁର / ଖୋରଧା*
*ମୋ:୯୮୫୩୦୭୦୦୧୮*



# ଗଙ୍ଗଶିଉଳି

**ତା**କୁ ପଢ଼ିବାକୁ, ବୁଝିବାକୁ କେଜାଣି
କେତେ ରାତିର ତପସ୍ୟା ଦରକାର।

ଅନେକ ରାତି ଉଜାଗର ରହି ତା'ର
ଫୁଟିବା ଆଉ ଝଡ଼ିବା ଦେଖିବା ଦରକାର।

ଆଶା ତା'ର ଗୋଟିଏ ରାତିକ ପାଇଁ
ସ୍ୱପ୍ନ ତା'ର ସୂର୍ଯ୍ୟ ଉଇଁବା ଯାଏ।

ବାର ଘଣ୍ଟାର ପହରରେ ଜୀବନକୁ ଜିଇ ଦେଇ
ଜୀବନ ଦେବା ପାଇଁ ଝଡ଼ିଯାଏ।

ପୁଣି ନୂଆ ଜୀବନକୁ ଜାଗା ଦେବା ପାଇଁ
ବାସ୍! ପ୍ରେମ କରେ ରାତିକ ପାଇଁ।
ଅନ୍ଧାର ରାତିର, ରହସ୍ୟ ସେ ଗଙ୍ଗଶିଉଳି,
ତା' ଅସ୍ତିତ୍ୱ ଖୋଜିବାକୁ କେଜାଣି
କେତେ ବର୍ଷର ତପସ୍ୟା ଜରୁରୀ।

**–ଶବନମ୍ ଆଦେନୀ, ଦିଲ୍ଲୀ,** ମୋ– ୯୫୯୯୨୨୮୭୮୯

# ଅଯୋଗ୍ୟ ବାପା

**–ମାନିନୀ ମିଶ୍ର**

**ବ**ଡ଼ ପୁଅର ଘଣ୍ଟାକୁ ସାନ ପୁଅ ପାଇଁ ଚମଡ଼ା ବେଲ୍ଟ
ମଝିଆ ପୁଅର ଟାଏକୁ ଖର୍ଚ୍ଚ ହୋଇଯାଏ ଜୀବନ
ଅଥଚ ବାପାର ଜୀବନସାରା ବଦଳେନା
ଲୁଚକୁଚା ଧୂଳି ସରସର ଦୁଇଖଣ୍ଡ ଧୋତି ।

ସଭିଙ୍କ ପସନ୍ଦ ମୁତାବକ ବଜାରରୁ ସଉଦା ଆସେ
ତା' ବାଦ୍, ବାପା ମନେପକେଇ ଆଣନ୍ତି ଚିପଟି
ଅଶୁଭ ନଜର ନ ପଡୁ ବୋଲି ଘରର ଠାକୁରଙ୍କ ପାଇଁ
ଦଶଟଙ୍କାର ମିଶ୍ରି, ବୃନ୍ଦାବତୀର ସଳିତା, ଘିଅ
ବାପା ଭୁଲି ଯାଆନ୍ତି ଚପଲ ଘୋଷାରି ଘୋଷାରି
ସରି ଗଲାଣି ବୟସ, କେବଠୁ ଜଳଉଛି ତଳି ପାଦ।

ଘରର ଖପରା ଉଲଟଉ ଉଲଟଉ ପୁଅ କୁହେ
ବୁଢ଼ା ଠିକ୍ ରେ
ଖପରା ଚଢ଼େଇ ଆସୁନି ତତେ ତୁ ଅଯୋଗ୍ୟ

କଙ୍କଡ଼ା ବିଛା ଉପରେ ପଡିଛି ପାଦ, ଅଥଚ
କେବେ, ଲୁହ ଝରେନା ବାପାଙ୍କ ଆଖିରୁ
କେବେ ଦେଖେଇ ପାରନ୍ତିନି ବାପା
ତେଲ ଲୁଣର ହିସାବରେ ବାଣ୍ଟିହେଉ ହେଉ
ବାପାମାନଙ୍କ ଲୁହରେ ଲୁଣର ଅଭାବ !

ପୁଅକୁ ବୁଝେଇ ପାରନ୍ତିନି
ବାପାମାନେ ସଦାକାଳେ ଅଯୋଗ୍ୟ
କେମିତି ଯୋଗ୍ୟ ହେବେ କହୁନ ?
ନିଜ ପିଲାଙ୍କ ପେନସିଲ ଚାଞ୍ଛୁ ଛାଞ୍ଛୁ
ଛାଞ୍ଛି ହୋଇଗଲେ ବାପା,ଏବେ ପିଲାଏ
ଜଟର ପେନ୍ ଧରି ବୁଲୁଛନ୍ତି ପାତାଳ,
ଆକାଶ।

ଯେବେ ଦେଖିବ, ଜଳ ଜଳ ଦିଶୁଛି
ବାପାଙ୍କ ମୁଁରେ ଘରର ଚାଳର ତିନିଟା କଣା
ବାପା ନିଜକୁ ଭାଙ୍ଗି ଖପରା ତିଆରୁଛନ୍ତି
କାଳେ ଏସନକ ବର୍ଷାରେ ବୁଡୁରି, ଗଳିଯିବ
ପରିବାର।

( ବୃଦ୍ଧାଶ୍ରମର ବାପାମାନଙ୍କୁ ସମର୍ପିତ )


*–ରୋୟାଲ ଲାଗୁନ, ପଟିଆ, ଭୁବନେଶ୍ୱର*

ମୋ:୮୨୪୯୩୪୨୩୪୬



# ଇଦ୍‌କୁ ଅପେକ୍ଷା

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ନାମୀ ନିର୍ଦ୍ଦେଶକ ଏସ.ଏସ. ରାଜମୌଳିଙ୍କ ଆଗାମୀ ଫିଲ୍ମର ଟାଇଟଲ ରହିଛି 'ଆରଆରଆର'। ଏହି ବିଗ୍ ବଜେଟ୍ ଫିଲ୍ମଟି ଆସନ୍ତା ବର୍ଷ ଇଦ୍‌ରେ ମୁକ୍ତିଲାଭ କରିବ ବୋଲି ସେ ସୂଚନା ଦେଇଛନ୍ତି। ଉକ୍ତ ମଲ୍‌ଟିଷ୍ଟାରର ଚିତ୍ରରେ ରାମ୍‌ଚରଣ, ଅଜୟ ଦେବଗନ, ଜୁନିୟର ଏନଟିଆର ଏବଂ ଆଲିୟା ଭଟ୍ଟ ଅଭିନୟ କରିଛନ୍ତି। ଏହି ଫିଲ୍ମଟି ଚଳିତ ବର୍ଷ ଅକ୍ଟୋବର ୨୩ରେ ପରଦା ଉପରକୁ ଆସିଥାଆନ୍ତା। ହେଲେ କୋଭିଡ୍‌କୁ ଦେଖି ରାଜମୌଳି ଏହାର ରିଲିଜ ଡେଟ୍‌କୁ ଆସନ୍ତା ବର୍ଷ ଇଦ୍‌କୁ ଘୁଞ୍ଚାଇ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଚଳଚ୍ଚିତ୍ରକୁ ନେଇ ବେଶ୍ ଆଶା ବାନ୍ଧି ବସିଛନ୍ତି ମହେଶ ତନୟା ଆଲିୟା। ଏ ସମ୍ପର୍କରେ ସେ କହନ୍ତି, 'ଏହି ବିଗ୍ ବଜେଟ୍ ଫିଲ୍ମର କାହାଣୀ, ସଙ୍ଗୀତ, ଉପସ୍ଥାପନା-କୌଣସି କ୍ଷେତ୍ରରେ କମ୍ପ୍ରୋମାଇଜ କରାଯାଇନାହିଁ। ଏଥିରେ ଅଭିନୟ କରିଥିବା ସମସ୍ତ କଳାକାର ନିଜର ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି। ଏହି ଫିଲ୍ମରେ ମୋତେ ମିଳିଥିବା ଭୂମିକାଟିକୁ ଠିକ୍ ଭାବରେ ତୁଲାଇଛି। ଯେତିକି ଆଶା ରହିଛି 'ବାହୁବଳୀ' ପରି 'ଆରଆରଆର' ମଧ୍ୟ ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିବ।' ଦୁଇ ଜଣ ସ୍ୱାଧୀନତା ସଂଗ୍ରାମୀ ଆଲୁରି ସୀତାରାମରାଜୁ ଏବଂ କୋମାରାମ ଭୀମ୍‌ଙ୍କ ଜୀବନୀକୁ ନେଇ କାହାଣୀ ଗତିଶୀଳ। ଏଥିରେ ଜୁନିୟର ଏନଟିଆର ଜଣେ ଆଦିବାସୀ ଯୁବକ ଭୂମିକାରେ ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ ଆଲୁରିଙ୍କ ପତ୍ନୀ ସୀତା ଭୂମିକାରେ ଆଲିୟାଙ୍କୁ ଦେଖିବାକୁ ମିଳିବ। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ହିଁ ଜଣାପଡିବ।



ସଲମାନ୍



ଆଲିୟା

# ଫେରୁଛି ଟାଇଗର

ବଲିଉଡ୍‌ରେ 'ଟାଇଗର' ଶୀର୍ଷକୁ ନେଇ ସିନେମା ନିର୍ମିତ ହୋଇସାରିଛି। ଏହାର ଟାଇଟଲ ଭୂମିକାରେ ଅଭିନୟ କରି ବେଶ୍ ପ୍ରଶଂସା ସାଉଁଟିଛନ୍ତି ସଲମାନ ଖାଁ ଓରଫ ସଲ୍ଲୁ ମିଆଁ। ହେଲେ ଏଥର 'ଟାଇଗର-୩'କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବର୍ତ୍ତମାନ ଏହାର ନନ୍‌ଷ୍ଟପ ଶୁଟିଂ ରୁଷିଆରେ ଚାଲୁ ରହିଛି। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ସଲମାନ ଏବଂ କ୍ୟାଟ୍ରିନା। ଖାସ୍ କଥା ହେଲା, ଏଥିରେ ସଲମାନ ଭିନ୍ନ ଗେଟ୍‌ଅପ୍‌ରେ ଦେଖାଦେବେ। ନିକଟରେ ଶୁଟିଂ ସେଟ୍‌ରେ ସେ ପହଞ୍ଚିବା ପରେ ତାଙ୍କୁ ଦେଖିବା ପାଇଁ ସ୍ଥାନୀୟ ଲୋକମାନେ ରୁଣ୍ଡ ହୋଇଯାଇଥିଲେ। ପୁଣି ସେଦିନ ହୋଟେଲରୁ ହିଁ ମେକ୍‌ଅପ୍ ନେଇ ସଲ୍ଲୁ ସେଟ୍‌ରେ ପହଞ୍ଚିଥିଲେ। ସେଠାକାର ଲୋକମାନଙ୍କର ସ୍ନେହ ଦେଖି ସେ ସେମାନଙ୍କ ସହ କିଛି ସମୟ କଟାଇଥିଲେ। ଆଉ ତା'ପରେ ଶୁଟିଂ ଆରମ୍ଭ ହୋଇଥିଲା। ଏ ନେଇ ସଲମାନ କହନ୍ତି, 'ଦର୍ଶକ ମୋ ପାଇଁ ଭଗବାନ। ସେମାନେ ପ୍ରେକ୍ଷାଳୟରେ ଥାଆନ୍ତୁ କିମ୍ବା ବାହାରେ, ମୁଁ ସେମାନଙ୍କ ସହ ମିଶିଥାଏ। ରୁଷିଆର ଲୋକମାନେ ମୋତେ ଯେଉଁ ସ୍ନେହ ଶ୍ରଦ୍ଧା ଦେଇଛନ୍ତି ତାହାର ଋଣ ମୁଁ କଦାପି ସୁଝି ପାରିବି ନାହିଁ।' ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ମନୀଷ ଶର୍ମା।

# ଏଥର କ୍ରାଇମ୍ ରିପୋର୍ଟର

ଯାମି ଗୌତମ କ୍ରାଇମ ରିପୋର୍ଟର ସାଜିଛନ୍ତି। ଏହାର ଅର୍ଥ ନୁହେଁ ଯେ ସେ ଅଭିନୟକୁ ଗୁଡବାୟ କରିଛନ୍ତି। ଅସଲ କଥା ହେଲା, ଅଭିନୟ ଜୀବନରେ ତାଙ୍କୁ ମିଳିଛି ଏପରି ଏକ ଭୂମିକା। ଚଳଚ୍ଚିତ୍ରଟି ହେଲା 'ଲଷ୍ଟ'। ଅରୁନ୍ଧତୀ ରୟ ଚୌଧୁରୀଙ୍କ ଏହି ଫିଲ୍ମରେ ନିଜ ଭୂମିକାକୁ ନେଇ ବେଶ୍ ଆଶା ରଖିଛନ୍ତି ଯାମି। ଏପରି ଭୂମିକାକୁ ଠିକ୍ ଭାବରେ ତୁଲାଇବାକୁ ଯାମିଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ପ୍ରଥମେ ତାଙ୍କୁ ଭଲ ଭାବରେ ବଙ୍ଗଳା ଭାଷା ଶିଖିବାକୁ ପଡିଲା। ଏ ନେଇ ଯାମି କହନ୍ତି, 'ଯେତେବେଳେ ମୋତେ ବଙ୍ଗଳା ଡାଏଲଗ କହିବାକୁ ପଡିବ ବୋଲି ଜାଣିଲି ବିଳମ୍ବ ନ କରି ବଙ୍ଗଳା ଭାଷା ଶିଖିବାକୁ ଚେଷ୍ଟା କଲି। ଯାହା ହେଉ ମାସ କେଇଟା ଭିତରେ ମୁଁ ଅନେକାଂଶରେ ଏହି ଭାଷାକୁ ଶିଖିବାରେ ସକ୍ଷମ ହେଲି। ଏଥିରେ ମୁଁ ଜଣେ କ୍ରାଇମ୍ ରିପୋର୍ଟର ଭୂମିକାରେ ଅଭିନୟ କରିଛି। ଖାସ୍ କଥା ହେଲା, ଏହି ଫିଲ୍ମରେ କାମ କରି ମୁଁ ଆକ୍ଟିଂ ବିଷୟରେ ଅନେକ ନୂଆ କଥା ଶିଖିଛି।' ଅରୁନ୍ଧତୀଙ୍କ ଉକ୍ତ ସିନେମାରେ ଯାମିଙ୍କ ବ୍ୟତୀତ ପଙ୍କଜ କପୁର, ରାହୁଲ ଖାନ୍ନା, ନିଲ୍ ଭୁପାଲମ୍, ପିୟା ବାଜପେୟୀ ଏବଂ ତୁଷାର ପାଣ୍ଡେ ମଧ୍ୟ ଅଭିନୟ କରିଛନ୍ତି।



ଯାମି

# ପ୍ରଶଂସକଙ୍କ ପାଇଁ..


ଯାହା କହନ୍ତୁ ନା କାହିଁକି ଅନନ୍ୟା ପାଣ୍ଡେଙ୍କ ଆଇଡିଆକୁ ମାନିବାକୁ ପଡିବ। ପ୍ରଶଂସକମାନଙ୍କ ପାଇଁ ସେ କେତେ ଉଦାର ହୋଇପାରନ୍ତି ତାହାର ଉଦାହରଣ ନିକଟରେ ଦେଖିବାକୁ ମିଳିଛି। କଥା କ'ଣ କି, ଏହି ଷ୍ଟାର କିଡ୍ ବର୍ତ୍ତମାନ ସୋସିଆଲ ମିଡିଆରେ ନିଜକୁ ବ୍ୟସ୍ତ ରଖୁଛନ୍ତି। ନିଜର ପୁରୁଣା ଫଟୋକୁ ଅପ୍‌ଲୋଡ କରୁଛନ୍ତି, ଯାହା ବେଶ୍ ଭାଇରାଲ ହେଉଛି। ପ୍ରଶଂସକମାନେ ତାଙ୍କ ଫଟୋକୁ ନେଇ ନିଜର ମତାମତ ଦେବା ପରେ ଅନନ୍ୟାଙ୍କ ଖୁସି କହିଲେ ନସରେ। ସେମାନଙ୍କ ପାଇଁ ତ ପୁଣି କିଛି କରିବାର ଅଛି। ତେଣୁ ନିଜ ପ୍ରଶଂସକମାନଙ୍କ ପାଇଁ ସେ ଏକ ସ୍ପେଶାଲ ଭିଡିଓ ପ୍ରସ୍ତୁତ କରିଛନ୍ତି। ଏ ସମ୍ପର୍କରେ ଅନନ୍ୟା କହନ୍ତି, 'ଏହି ଭିଡିଓକୁ ମୋ ଅଗଣିତ ଫ୍ୟାନ୍‌ଙ୍କ ପାଇଁ ପ୍ରସ୍ତୁତ କରିଛି। କାରଣ ସେମାନଙ୍କ ପାଇଁ ମୁଁ ଆଜି ଇଣ୍ଡଷ୍ଟ୍ରିରେ ତିଷ୍ଠି ରହିଛି। ଏହି ଭିଡିଓକୁ ସେମାନେ ପସନ୍ଦ କରିବେ ବୋଲି ଆଶା ରଖିଛି। ଏବେ ମୋ ହାତରେ ୨-୩ଟି ଅଫର ରହିଛି। ସେଗୁଡିକ ନେଇ ଖୁବ୍ ଶୀଘ୍ର ନିଷ୍ପତ୍ତି ନେବି।'



ଅନନ୍ୟା

# ଫ୍ୟାକ୍ଟ୍ରି ହିଁ ଭରସା

ଆମୀର ଖାଁଙ୍କ ଭାଇ ଫୈଜଲ ଖାଁ। ବେଶ୍ କିଛି ବର୍ଷପୂର୍ବେ ସେ 'ମେଲା' ସିନେମାରେ ଆମୀରଙ୍କ ସହ ଅଭିନୟ କରିଥିଲେ ସେ। ହେଲେ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ ହେଲା। ଅଭିନେତା ହେବାର ଯେଉଁ ଆଶା ନେଇ ଫୈଜଲ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ ତାହା ଅଧୁରା ରହିଗଲା। ଆଉ ଏବେ ସେ ନୂଆ ରୂପରେ ଆସୁଛନ୍ତି। ଅର୍ଥାତ୍, ଜଣେ ଅଭିନେତା ଭାବରେ ନୁହେଁ, ଏଣିକି ତାଙ୍କୁ ଜଣେ ନିର୍ଦ୍ଦେଶକ ଭାବରେ ଦର୍ଶକ ଦେଖିବାକୁ ପାଇବେ। ନିର୍ମାଣାଧୀନ ହିନ୍ଦୀ ସିନେମା 'ଫ୍ୟାକ୍ଟ୍ରି'ରୁ ସେ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ଦୀର୍ଘ ଦୁଇ ଦଶନ୍ଧି ପରେ ସେ ପୁଣି ଥରେ ମଇଦାନକୁ ଓହ୍ଲାଇଛନ୍ତି। ଏହି ଫିଲ୍ମର ସେ କେବଳ ନିର୍ଦ୍ଦେଶନା ଦେଇନାହାନ୍ତି ତା'ସହ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଏଥିରେ ନିର୍ଦ୍ଦେଶକ-କମ୍-ଅଭିନେତା ଫୈଜଲଙ୍କ ଅପୋଜିଟ୍‌ରେ ନବାଗତା ରାଓଲି ରୟାନଙ୍କୁ ଦେଖିବାକୁ ମିଳିବ। ମହାରାଷ୍ଟ୍ର ଏବଂ ଗୁଜୁରାଟର କେତେକ ଅଞ୍ଚଳରେ ଏହାର ଶୁଟିଂ କରାଯାଇଛି।



ଫୈଜଲ

# ନାରୀ ନୁହେଁ ତୁ ଅର୍ଦ୍ଧନାରୀ

ଚଳିତ ବର୍ଷର ନୂଆ ଓଡ଼ିଆ ସିନେମା ତାଲିକାରେ ଆଉ ଏକ ନାମ ସାମିଲ ହୋଇଛି। ତାହା ହେଲା 'ନାରୀ ନୁହେଁ ତୁ ଅର୍ଦ୍ଧନାରୀ'। ଜଣେ ଅର୍ଦ୍ଧନାରୀ ଗୋଟିଏ ପରେ ଗୋଟିଏ ମର୍ଡର କରିଚାଲିଛି ଆଉ ପୋଲିସ ପାଇଁ ମୋଷ୍ଟ ୱାଣ୍ଟେଡ୍ ପାଲଟି ଯାଇଛି। ହେଲେ କ'ଣ ପାଇଁ ସେ ଏମିତି ରକ୍ତରେ ହୋଲି ଖେଳୁଛି ? ଏହାର ଉତ୍ତର ରହିଛି ସିନେମାରେ। ଚନ୍ଦ୍ରାବତୀ ଭିଜନ ବ୍ୟାନରରେ ନିଜ କାହାଣୀକୁ ନେଇ ଏହାର ପ୍ରଯୋଜନା କରୁଛନ୍ତି ସମ୍ବିତ କୁମାର ସାହୁ। ଉକ୍ତ ଚିତ୍ରର ସହ ପ୍ରଯୋଜକ ଅଛନ୍ତି ସଞ୍ଜୀୟ କୁମାର ସାହୁ ଏବଂ ସଂଳାପ ରଚନା କରିଛନ୍ତି ପପୁ ବ୍ରହ୍ମା। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଶ୍ରୀନିବାସ ବିଶ୍ୱାଳ। ନିକଟରେ ମହୁରତ ଶେଷ ହୋଇଥିବା ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ସମ୍ବିତ ଏବଂ ତାଙ୍କର ନାୟିକା ସାଜିଛନ୍ତି ଲକ୍ଷ୍ମୀପ୍ରିୟା। ଖାସ୍ କଥା ହେଲା ଏହି ଫିଲ୍ମରେ ଜଲିଉଡ୍‌ର ନାମୀ ଆକ୍ସନ ଅଭିନେତା ସୁରେଶ ପଣ୍ଡା ଏବଂ ପପୁ ପଣ୍ଡା ମଧ୍ୟ ଅଭିନୟ କରିବେ। ଏମାନଙ୍କ ବ୍ୟତୀତ ହରିହର ମହାପାତ୍ର, ଅସୀତ ପତି, ରୋଶନ, ପାୟଲଙ୍କୁ ଏଥିରେ ଦେଖିବାକୁ ମିଳିବ।



ସମ୍ବିତ-ଲକ୍ଷ୍ମୀପ୍ରିୟା

## ପ୍ରଥମ ରୋଜଗାର

# ପ୍ରଥମ ରୋଜଗାରରେ କ୍ୟାରମ୍ ବୋର୍ଡ କିଣିଥିଲି




ଅଧ୍ୟାପିକା ତଥା ଲେଖିକା **ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଢେ**ଙ୍କାନାଳ ଜିଲାର କାମାକ୍ଷାନଗରରେ ମୋ ଜନ୍ମ। ସାରଙ୍ଗଧର ଉଚ୍ଚବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ରମାଦେବୀ କଲେଜରେ ଯୁକ୍ତ ୨ ବିଜ୍ଞାନ ପଢ଼ିଥିଲି। ତା'ପରେ ଯାଜପୁରସ୍ଥ ବ୍ୟାସନଗର କଲେଜରେ ଇଂଲିଶ ଅନର୍ସ ନେଇ ଯୁକ୍ତ ୩ ପଢ଼ିଲି ଏବଂ ପରେ ଇଂଲିଶରେ ପିଜି କଲି। ତା'ପରେ ମୋ ବାହାଘର ହୋଇଗଲା। ଶାଶୁଘର ସେହି ଯାଜପୁରରେ ଥିଲା। ତେଣୁ ମୁଁ ଅସ୍ଥାୟୀ ଇଂଲିଶ ଅଧ୍ୟାପିକା ଭାବେ ବ୍ୟାସନଗର କଲେଜରେ ୨୦୦୪ରୁ ଚାକିରି କରିବା ଆରମ୍ଭ କରିଥିଲି। ସେତେବେଳେ ମ୍ୟାନେଜ୍‌ମେଣ୍ଟ ତରଫରୁ ମୋତେ ଦରମା ମିଳୁଥିଲା। ପ୍ରଥମ ମାସ ଯେଉଁ ଦରମା ପାଇଲି ସେଥିରେ ମୋ ନିଜ ପାଇଁ, ଶାଶୁଙ୍କ ପାଇଁ ଏବଂ ମୋ ବୋଉ ପାଇଁ ଗୋଟିଏ ଗୋଟିଏ ଶାଢ଼ି କିଣିଥିଲି। କିନ୍ତୁ ଏଠାରେ ଯେହେତୁ କଥା ପ୍ରଥମ ରୋଜଗାରର ଉଠୁଛି, ତେଣୁ ମୁଁ କହିବି ୭ମ ଶ୍ରେଣୀରେ ପଢ଼ିଲାବେଳେ ସ୍କଲାରଶିପ୍ ବାବଦେ ପାଇଥିବା ୭୫୦ ଟଙ୍କା ଥିଲା ମୋ ଜୀବନର ପ୍ରକୃତ ପ୍ରଥମ ରୋଜଗାର। ସେତେବେଳେ ଏହି ଟଙ୍କାରେ ମୁଁ ମୋ ପାଇଁ ଏକ କ୍ୟାରମ୍ ବୋର୍ଡ କିଣିଥିଲି। କାରଣ ମୁଁ ଥିଲି ମୋ ମା'ବାପାଙ୍କର ଗୋଟିଏ ବୋଲି ଝିଅ। କ୍ୟାରମ୍ ଖେଳିବାକୁ ମୋର ଭାରି ଇଚ୍ଛା ହୁଏ। କିନ୍ତୁ କେହି ଭାଇଭଉଣୀ ନ ଥିବାରୁ ଏକାଏକା କେମିତି କ୍ୟାରମ୍ ଖେଳିବି ସେଥି ସକାଶେ ମା'ବାପା ମୋ ପାଇଁ କ୍ୟାରମ୍ ବୋର୍ଡ କିଣୁ ନ ଥିଲେ। ହେଲେ ଯେତେବେଳେ ସ୍କଲାରଶିପ୍ ଟଙ୍କା ପାଇଲି, ସେହି ଟଙ୍କାରେ ମୁଁ ମୋ ପାଇଁ ଏକ କ୍ୟାରମ୍ ବୋର୍ଡ କିଣି ଆଣିଥିଲି। ତେବେ ସେ ଯାହା ହେଉ, ୨୦୦୪ରୁ ଅସ୍ଥାୟୀ ଅଧ୍ୟାପିକା ଭାବେ କାର୍ଯ୍ୟକରି ଶେଷରେ ୨୦୧୬ରେ ମୋ ଚାକିରି ସ୍ଥାୟୀ ହେଲା। ଅବଶ୍ୟ ତା'ରି ଭିତରେ ମୁଁ ମନୋଜ ଦାସଙ୍କ ଉପରେ ଥେସିସ୍ ଲେଖି ୨୦୧୩ରେ ଡକ୍ଟରେଟ୍ ଡିଗ୍ରୀ ହାସଲ କରିସାରିଥିଲି। ଏ ତ ଥିଲା ମୋ ପାଠପଢ଼ା ଓ ଚାକିରି ଜୀବନ କଥା। ଏହାବାଦ୍ ଲେଖାଲେଖିରେ ବି ମୋର ବିଶେଷ ରୁଚି ରହିଛି। ଦଶମ ଶ୍ରେଣୀରେ ପଢ଼ିଲାବେଳେ ସ୍କୁଲ୍ ମାଗାଜିନ୍‌ରେ 'ପ୍ରକୃତି' ନାମରେ ମୋର ଏକ କବିତା ପ୍ରଥମ କରି ପ୍ରକାଶ ପାଇଥିଲା। ତା'ପରେ କଲେଜ ମାଗାଜିନ୍‌ରେ ବି ମୋ ଲେଖା ପ୍ରକାଶ ପାଇଲା। ବାସ୍ ସେବେଠାରୁ କ୍ରମାଗତ ଭାବେ ମୁଁ ଲେଖି ଚାଲିଲି। କବିତା, ତା'ପରେ ଗପ, ତା'ପରେ ଉପନ୍ୟାସ ଏମିତି କେତେ କ'ଣ ଲେଖିଲି। ସେସବୁକୁ ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାକୁ ପଠାଇବାରୁ ତାହା ମଧ୍ୟ ପ୍ରକାଶ ପାଇଲା, ଯାହା ମୋତେ ଆଗକୁ ବଢ଼ିବା ପାଇଁ ଅନେକ ପ୍ରେରଣା ଦେଲା। ଯେଉଁଥିପାଇଁ ୟା' ଭିତରେ ମୋର ୧୭ଟି ପୁସ୍ତକ ପ୍ରକାଶ ପାଇସାରିଲାଣି। ତନ୍ମଧ୍ୟରୁ ୧୦ଟି ହେଉଛି ଉପନ୍ୟାସ, ୩ଟି କବିତା ସଂକଳନ, ୨ଟି ଗଳ୍ପ ସଂକଳନ ଏବଂ ୨ଟି ସମାଲୋଚନାର ପୁସ୍ତକ। ତେବେ ମୋ ଲିଖିତ କେତୋଟି ପ୍ରମୁଖ ଉପନ୍ୟାସ ମଧ୍ୟରେ ନୂଆ ସକାଳ, ବହ୍ନି କନ୍ୟା, ତଥାପି ପୁନଶ୍ଚ(ରାଜଧାନୀ ପୁସ୍ତକ ମେଳା ପୁରସ୍କାର ପାଇଛି), ଲେଡିଜ୍ ହଷ୍ଟେଲ୍, ନ ପାହୁ ରାତି, ନିଖୋଜ ଇତ୍ୟାଦି ଅନ୍ୟତମ। ସେହିପରି ତୁମ ପାଇଁ, ତୁମ କଥା ମନେ ପଡ଼େ ଓ ଝଡ଼ ହେଉଛି ମୋର ୩ଟି କବିତା ସଂକଳନ। ତା'ଛଡ଼ା ଦୁଷ୍ଟ ପରୀ ଓ ଅନ୍ୟାନ୍ୟ କାହାଣୀ, ପାପୁଲିଏ ସ୍ୱର୍ଣ୍ଣ ହେଉଛି ମୋର ୨ଟି ଗଳ୍ପ ସଂକଳନ। ଅଧ୍ୟାପନା ବ୍ୟତୀତ ଲେଖାଲେଖି ଯେମିତି ମୋ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛି। ଏହାକୁ ନେଇ ଅନେକ ପୁରସ୍କାର ମଧ୍ୟ ପାଇଛି।

–ଅନ୍ୱିତା

## ସାଥୀ

# କାହାଣୀ ଅଧାକୁ ସପନ ଅଧା, କେବେ ଆସିବ ମୋ ମନର ରାଧା





**ପ୍ରଶ୍ନ**–ସେ ମୋ ସପନର ରାଣୀ। ତାକୁ ନେଇ ମୁଁ କାହିଁ କେତେ ଆଶା ରଖିଛି। ତା' ସହ ଭେଟ ହେବ। ଆମ ପ୍ରେମର ରଥ ଆଗକୁ ଗଡିବ। ହେଲେ କ'ଣ ହେବ ? ଏ ପର୍ଯ୍ୟନ୍ତ ତା ସହ ମୋର ଭେଟ ହୋଇନାହିଁ। ତାକୁ କେମିତି ପାଇବି ?

*–ସନ୍ତୋଷ କୁମାର, ବଡବିଲ, କେନ୍ଦୁଝର*

**ଉତ୍ତର :** ମନେ ମନେ ଭାବିଲେ ଏମିତି ଅନେକ କଥା ଭାବିହେବ। ହେଲେ ପ୍ରେମରେ ବାସ୍ତବତା ଥିଲେ ସେଥିରୁ ସୁଫଳ ଆଶା କଲେ ତାହା ଅନେକାଂଶରେ ମିଳିଥାଏ। କିନ୍ତୁ ଯଦି ଭାବନା ରାଇଜରେ ବୁଡି ରହି ସବୁବେଳେ ରଙ୍ଗୀନ ସ୍ୱପ୍ନ ଦେଖିଲେ ତେବେ ମନକୁ କେବଳ କ୍ଷଣିକ ଆନନ୍ଦ ମିଳିଥାଏ। ସେଥିପାଇଁ ହିଁ ଆପଣଙ୍କ ସପନ ଅଧୁରା ହୋଇ ରହି ଯାଉଛି। 'କାହାଣୀ ଅଧାକୁ ସପନ ଅଧା, କେବେ ଆସିବ ମୋ ମନର ରାଧା'। ବାସ୍, ବାସ୍ତବ ରାଇଜରେ ନିଜ ମନର ରାଧାକୁ ଖୋଜନ୍ତୁ। ତାକୁ ନିଜ ମନ କଥା କହନ୍ତୁ। ଯଦି ଦୁଇଟି ମନ ମିଶିଗଲା, ତେବେ ଆପଣଙ୍କ ପ୍ରେମର ରଥ ସୁରୁଖୁରୁରେ ଆଗକୁ ଗଡିବ।

**ପ୍ରଶ୍ନ**–ମୁଁ ଜଣେ ଝିଅକୁ ଭଲ ପାଉଥିଲି। ଏବେ ତାହାର ଜଣେ ସାଙ୍ଗ ମୋତେ ଭଲ ପାଉଛି। ତେବେ ଏହି ଦୁଇ ଜଣଙ୍କ ଭିତରୁ ମୁଁ କାହାକୁ ପ୍ରେମିକା ଭାବରେ ଗ୍ରହଣ କରି ଆଗେଇବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ? *–ବିଦ୍ୟାଧର ରାଉତ, ଜଗତସିଂହପୁର*

**ଉତ୍ତର :** *ପ୍ରେମ କରିବା ସମୟରେ ଗୋଟିଏ କଥା* ସବୁବେଳେ ମନେ ରଖିବେ। ଏହି ସମୟରେ କଦାପି ଦୁଇଟି ନାଆରେ ଗୋଡ ଦେବେ ନାହିଁ। ଜଣକୁ ଆପଣ ଭଲ ପାଉଛନ୍ତି। ଏବେ ଆପଣଙ୍କ ପ୍ରେମିକାର ସାଙ୍ଗ ମାୟାରେ ଆପଣ ମତୁଆଲା। ପୁଣି ତାକୁ ବି ନିଜ ପ୍ରେମିକା ଲିଷ୍ଟରେ ସାମିଲ କରି କାହାକୁ ପ୍ରେମିକା ଭାବରେ ଗ୍ରହଣ କରି ଆଗକୁ ଆଗେଇବେ ବୋଲି ଚିନ୍ତା କରିଛନ୍ତି। ପ୍ରଥମେ ଏଭଳି ଭାବନାରୁ ନିଜକୁ ଦୂରେଇ ରଖନ୍ତୁ। ପ୍ରେମ ଏକ ଚଖା ଜିନିଷ ନୁହେଁ। ଜଣକ ପାଖରୁ ମନ ଛାଡି ଗଲେ ଆଉ ଜଣକୁ ଆଦରି ନେଲେ କ୍ଷଣିକ ଆନନ୍ଦ ମିଳିପାରେ, ହେଲେ ସେପରି ପ୍ରେମ ସ୍ଥାୟୀ ନୁହେଁ। ତେଣୁ ନିଜ ପ୍ରେମ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ଯଦି ପ୍ରେମରେ ଆନମନା ହେଲେ ତାହାର ଫଳ କେତେବେଳେ ମିଠା ହୋଇଥାଏ ତ କେତେବେଳେ ଖଟା। ଆଉ ଯେତେବେଳେ ଏପରି ପ୍ରେମର ନିଶା ଖସିପଡେ ସେତେବେଳେ ନେଡି ଗୁଡ କହୁଣିକୁ ବୋହି ଯାଇଥାଏ।

**ପ୍ରଶ୍ନ**–ପ୍ରେମିକାଟିଏ ପାଇବାକୁ ଅନେକ ଥର ଚେଷ୍ଟା କରି ବିଫଳ ହେଲେଣି। ଭାବୁଛି ମୋ ଦ୍ୱାରା ଏ ପ୍ରେମ ହେବ ନାହିଁ।–ଅଜିତ କୁମାର ମଲ୍ଲିକ, ଅନୁଗୋଳ

**ଉତ୍ତର :** ଆପଣ ଅନେକ ଥର ପ୍ରେମିକାଟିଏ ପାଇବାକୁ ଚେଷ୍ଟା କରି ବିଫଳ ହେଲିଣି। ଏପରି ପରିସ୍ଥିତିରେ ମନ ଭାଙ୍ଗି ପଡିବା ସ୍ୱାଭାବିକ। ହେଲେ ଯାହା ଜଣାପଡୁଛି ଆପଣ ପ୍ରେମର ଅସଲ ତରିକା ଅନୁସରଣ କରୁନାହାନ୍ତି। ଯାହାକୁ ମନ ହେଉଛି ତାକୁ ପ୍ରେମିକା ଭାବରେ ଗ୍ରହଣ କରିବାକୁ ଆଗେଇ ଯାଉଛନ୍ତି। ହେଲେ ଏହି ସମୟରେ ପାଣିପାଗ, ପରିସ୍ଥିତି ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ଯାହାକୁ ପ୍ରେମ ନିବେଦନ କରୁଛନ୍ତି ତାହାର ମତିଗତି କିପରି ଅଛି ପ୍ରଥମେ ଅନୁଧ୍ୟାନ କରନ୍ତୁ। ଯଦି ତାହା ପ୍ରେମ ଷ୍ଟାର୍ଟ କରିବାକୁ ସମ୍ପୂର୍ଣ୍ଣ ସୁହାଉଛି, ତେବେ ବିଳମ୍ବ କରନ୍ତୁ ନାହିଁ। ବେଳକାଳ ଦେଖି ତା' ସମ୍ମୁଖରେ ନିଜ ମନର କଥା କହି ଦିଅନ୍ତୁ।

**ପ୍ରଶ୍ନ**–ଆଜିକାଲି କେତେକ ପ୍ରେମରେ ବିଫଳ ହୋଇ ଆତ୍ମହତ୍ୟା ପରି ପନ୍ଥାକୁ ଅନୁସରଣ କରୁଛନ୍ତି। ଏହା ଠିକ୍ କି ? *–କ୍ରିଷ୍ଣା, ପୁରୀ*

**ଉତ୍ତର :** ଆତ୍ମହତ୍ୟା ଯଦି ସବୁ ସମସ୍ୟାର ସମାଧାନର ପନ୍ଥା ହୋଇଥାଆନ୍ତା ତେବେ ଏହାକୁ ଅନେକ ଆପଣେଇ ନିଅନ୍ତେ। ଅବଶ୍ୟ କେତେକ ପ୍ରେମରେ ବିଫଳ ହେବା ପରେ ଏହି ପଥର ଯାତ୍ରୀ ହେଉଛନ୍ତି। ହେଲେ ଏଭଳି ମାନସିକତା ଠାରୁ ନିଜକୁ ଦୂରେଇ ରଖିବା ନିହାତି ଦରକାର। ଜୀବନ ଅମୂଲ୍ୟ। ଯଦି ପ୍ରେମ ପାଇଁ ଆପଣ ଆତ୍ମହତ୍ୟା କରିବାକୁ ସ୍ଥିର କରନ୍ତି ତେବେ ତାହା କେତେଦୂର ଠିକ୍ ନିଜେ ଥଣ୍ଡା ମନରେ ଚିନ୍ତା କରନ୍ତୁ। ପ୍ରେମରେ ଯଦି ବିଫଳ ହେଉଛନ୍ତି ତେବେ ତାହାକୁ ଅତୀତ ଭାବି ଏବଂ ସେପରି ପ୍ରେମକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦେଇ ନୂଆ ଜୀବନ ଆରମ୍ଭ କରନ୍ତୁ।

# ଅଜବ ସାଇକେଲ







**ସାଇକେଲ ଚଳାଇବାର ମଜା ଅଲଗା। ଏହାକୁ ଚଳାଇଲେ ଶରୀର ଫିଟ୍ ମଧ୍ୟ ରହେ। ତେଣୁ ଯେତେ ଆଧୁନିକ ଗାଡ଼ି ଆସିଲେ ହେଁ ସାଇକେଲର ଚାହିଦା ଆଜିଯାଏ କମିନି। ବରଂ ଆସିଛି ବିଭିନ୍ନ ଡିଜାଇନ୍‌ର ସାଇକେଲ। ତା' ମଧ୍ୟରୁ କିଛି ସାଇକେଲ ବେଶ୍ ଅଜବ ମଧ୍ୟ। ଜାଣନ୍ତୁ ସେହିସବୁ ଅଜବ ସାଇକେଲ ସମ୍ପର୍କରେ...**





**ସୁଜ ସାଇକେଲ–** ଚକ ନାହିଁ କି ଟାୟର, ଟ୍ୟୁବ୍ ବି ନାହିଁ। ଏହା ବଦଳରେ ସାଇକେଲ୍‌ରେ ବ୍ୟବହାର ହୋଇଛି ୧୨ଟି ସ୍ନିକର୍। ଆଉ ଏହି ସ୍ନିକର୍‌ଗୁଡ଼ିକୁ ଚକଭଳି ଗୋଲାକାରଭାବେ ଲଗାଯାଇଛି। ଆଶ୍ଚର୍ଯ୍ୟର କଥା ଏହି ଅଜବ ସାଇକେଲକୁ ଚଳାଇ ମଧ୍ୟ ହୁଏ।

**ତ୍ରିକୋଣୀୟ ଚକ ଥିବା ସାଇକେଲ–** ଯେବେଠାରୁ ସାଇକେଲ ତିଆରି ହୋଇଛି ସେବେଠାରୁ ଗୋଲାକାର ଚକ ହିଁ ବ୍ୟବହାର ହୋଇଛି। କାରଣ ଚକ ଗୋଲାକାର ହେଲେ ହିଁ ସାଇକେଲ ଭଲରେ ଗଡ଼ିପାରେ। କିନ୍ତୁ ଫିଲ୍ ମିଲର୍ (ଯେକି ଆର୍ଟିଫିସିଆଲ ହାର୍ଟ ତିଆରି କରିଥିଲେ) ନାମକ ଜଣେ ମେକାନିକାଲ୍ ଇଞ୍ଜିନିୟର୍, ଡିଜାଇନ କରିଛନ୍ତି ଏମିତି ଏକ ସାଇକେଲ ଯେଉଁଥିରେ ସେ ଗୋଲାକାର ପରିବର୍ତ୍ତେ ବ୍ୟବହାର କରିଛନ୍ତି ତ୍ରିକୋଣୀୟ ଚକ। ଏଭଳି ଅଜବ ଚକ ଲଗାଯାଇଥିଲେ ହେଁ ଆଶ୍ଚର୍ଯ୍ୟର କଥା ସେହି ସାଇକେଲ୍ ଚଳାଇ ହୁଏ।

**ସବୁଠୁ ଲମ୍ବା ସାଇକେଲ–** ଏହି ସାଇକେଲର ଲମ୍ବା ହେଉଛି ୧୧୭ ଫୁଟ୍। ତେଣୁ ୨୦୧୫ରେ ଏହା ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସବୁଠୁ ଲମ୍ବା ସାଇକେଲ୍‌ର ମାନ୍ୟତା ପାଇଛି। ଏହି ସାଇକେଲରେ ଏକାଥରେ ଅନେକଜଣ ବସି ଯାଇପାରିବେ।

**ସବୁଠୁ ଉଚ୍ଚା ସାଇକେଲ–** ସିନେମାଟୋଗ୍ରାଫର୍ ରିଚି ଟ୍ରିମ୍ବଲ ଏହି ସାଇକେଲ ତିଆରି କରିଛନ୍ତି। ଆଉ ଏହାର ନାମ ଷ୍ଟୁପିଡଟଲର୍ ଦେଇଛନ୍ତି। ଏହାର ଉଚ୍ଚତା ୨୦ ଫୁଟ୍‌ରୁ ଉର୍ଦ୍ଧ୍ୱ। ଭାବନ୍ତୁ ତ ଏତେ ଉଚ୍ଚାରୁ ସାଇକେଲ ଚଳାଇବାବେଳେ କେତେ ଭୟ ଲାଗିବ।






**ଫ୍ଲୋଟିଂ ସାଇକେଲ–** ଡିଜାଇନର୍ ଜୁଦାହ ସ୍କିଲର୍ ପାଣି ଉପରେ ଚଳାଇ ହେଉଥିବା ଏହି ସାଇକେଲ ତିଆରି କରିଛନ୍ତି। ସେ ଏହାକୁ ମାନହଟାନ୍‌ରୁ ନ୍ୟୁଜର୍ସି ଯିବା ପାଇଁ ତିଆରି କରିଥିଲେ।

**ଚେନ୍‌ଲେସ୍ ସାଇକେଲ–** ସାଇକେଲରେ ଚେନ୍ ଏକ ପ୍ରମୁଖ ଅଂଶ। ଏହା ବିନା ସାଇକେଲ ଚଳାଇବା ଅସମ୍ଭବ। କିନ୍ତୁ ଏମିତି ବି ଏକ ସାଇକେଲ ଅଛି, ଯେଉଁଥିରେ ଚେନ୍ ନାହିଁ। ତଥାପି ତାହା ଚାଲେ। କାରଣ ଏହାର ପେଡାଲକୁ ସିଧାସଳଖ ରିୟର୍ ହ୍ୱିଲ୍ ସହ ଜଏଣ୍ଟ କରାଯାଇଛି। ଫଳରେ ଏଥିରେ ଚେନ୍‌ର ଆବଶ୍ୟକତା ପଡେ ନାହିଁ।

**ସାଇଡୱେଜ୍ ସାଇକେଲ୍–** ଏହି ସାଇକେଲ୍ ବେଶ୍ ଅଜବ। ଏହାର ହ୍ୟାଣ୍ଡେଲ୍ ଦୁଇ ଭାଗ ହୋଇ ଗୋଟିଏ ଆଗପଟେ ଓ ଗୋଟିଏ ପଛପଟେ ଥାଏ। ପ୍ରତି ହ୍ୟାଣ୍ଡେଲ ଗୋଟେ ଗୋଟେ ଚକକୁ କଣ୍ଟ୍ରୋଲ କରିଥାଏ। ମଝିଭାଗରେ ପ୍ୟାଡେଲ୍ ଓ ପ୍ୟାଡେଲ୍ ଉପର ଭାଗରେ ଥାଏ ସିଟ୍। ସିଟ୍ ଉପରେ ବସି ଦୁଇ ହାତରେ ଆଗ ଓ ପଛର ହ୍ୟାଣ୍ଡେଲକୁ ଧରି ସାଇକେଲ ଚଳାଇବାକୁ ହୁଏ।

**ଟାଣ୍ଡେମ୍ ସାଇକେଲ୍–** ଯଦି ଏକାଧିକ ସାଙ୍ଗ ମିଶି ସାଇକେଲ ଚଳାଇବାକୁ ଚାହୁଁଛନ୍ତି, ତଥା ଗ୍ରୁପ୍ ରାଇଡ୍‌ର ମଜା ନେବାକୁ ଚାହୁଁଛନ୍ତି ତେବେ ଏଇ ସାଇକେଲକୁ ବାଛିପାରିବେ। ଏଥିରେ ସମସ୍ତେ ଅଲଗା ଅଲଗା ସାଇକେଲ ଚଳାଇବା ଆବଶ୍ୟକତା ନାହିଁ। କାରଣ ଏହି ଗୋଟିଏ ସାଇକେଲ୍‌ରେ ସମସ୍ତେ ବସି ଯାଇପାରିବେ। ଏହି ସାଇକେଲ ବେଶ୍ ଲମ୍ବା ହୋଇଥାଏ। ଏଥିରେ ପଛକୁ ପଛ ବସି ସାଇକେଲ ଚଳାଇ ହୁଏ। ପ୍ରତି ଚାଳକଙ୍କ ପାଇଁ ପେଡାଲ୍ ଥାଏ। ସମସ୍ତେ ମିଶି ପେଡାଲ ମାରି ସାଇକେଲକୁ ଆଗକୁ ନିଅନ୍ତି।

**ରିକୁମ୍ବେଣ୍ଟ ସାଇକେଲ–** ଯଦି ଲଙ୍ଗ୍ ଜର୍ଣ୍ଣିରେ ଯିବାକୁ ଚାହୁଁଛନ୍ତି ତେବେ ଏଇ ସାଇକେଲ ସବୁଠୁ ବେଷ୍ଟ। ଏଥିରେ ଆରାମରେ ଶୋଇ ସାଇକେଲ ଚଳାଇ ହୁଏ।


# ମଡେଲ ମିରର୍



ଶିବଶକ୍ତି

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ମିଟର୍
ଜଣେ କଞ୍ଜୁସ ବ୍ୟକ୍ତି ଏକ ଟ୍ୟାକ୍ସିରେ ଯାଉଥାନ୍ତି।
ଟ୍ୟାକ୍ସି ଡ୍ରାଇଭର୍- ଆଜ୍ଞା, ଗାଡ଼ିର ବ୍ରେକ ଫେଲ୍ ହୋଇଗଲା। ଏବେ ମୁଁ କ'ଣ କରିବି?
କଞ୍ଜୁସ ବ୍ୟକ୍ତି- ତୁ କ'ଣ କରିବୁ ମୁଁ ଜାଣିନି। ହେଲେ ପ୍ରଥମେ ଗାଡ଼ିର ମିଟର୍ ବନ୍ଦ କରେ।

### ସାବାସ୍
ବାପା ପୁଅକୁ- ୫, ୬ ପରେ କ'ଣ ଆସେ?
ପୁଅ-୭,୮।
ବାପା- ସାବାସ୍। ଏବେ କହ ୮ ପରେ କ'ଣ ଆସେ?
ପୁଅ-୯,୧୦।
ବାପା- ଗୁଡ୍। ତା' ପରେ କ'ଣ ଆସେ?
ପୁଅ- ଗୁଲାମ, ରାଣୀ ଓ ରାଜା।

### ସ୍କୁଲ
କଂସେଇ ଛେଳିକୁ ଟାଣି ଟାଣି ନେଉଥାଏ। ଛେଳିଟି ଜୋର୍‌ରେ ମେଁ...ମେଁ କରୁଥାଏ।
ଏହା ଦେଖି ଚିଣ୍ଟୁ: ଛେଳିକୁ ଟାଣି ଟାଣି କୁଆଡେ ନେଇଯାଉଛ ଯେ ସେ ଏତେ କାନ୍ଦୁଛି ?
କଂସେଇ- କାଟିବାକୁ।
ଚିଣ୍ଟୁ- ମୁଁ ଭାବିଲି ତାକୁ ସ୍କୁଲକୁ ନେଇ ଯାଉଛ।

# ଲୋକପ୍ରିୟ ଧାର୍ମିକସ୍ଥଳୀ

# ଆଡ୍ଡୁର

**କେରଳସ୍ଥିତ ଏକ ଧାର୍ମିକସ୍ଥଳୀ ହେଉଛି ଆଡ୍ଡୁର। ଏଠାକାର ସଂସ୍କୃତି, ପରମ୍ପରା, ପର୍ବପର୍ବାଣି ଖୁବ୍ ଅନନ୍ୟ। ତା'ଛଡ଼ା ଏଠାରେ ଥିବା ଆଧ୍ୟାତ୍ମିକ ସ୍ଥଳୀଗୁଡ଼ିକ ପାଇଁ ଏହି ସ୍ଥାନର ବେଶ୍ ଗୁରୁତ୍ୱ ରହିଛି...**







କେରଳର ପଥାନାମଥିଟ୍ଟା ଜିଲା ଅନ୍ତର୍ଗତ ଏକ ପ୍ରମୁଖ ସହର ହେଉଛି ଆଡ୍ଡୁର। ଏହା ସ୍ଥାନୀୟ ଏକ ଲୋକପ୍ରିୟ ଧାର୍ମିକସ୍ଥଳୀ ଭାବେ ମଧ୍ୟ ଜଣାଶୁଣା। ଏଠାକାର ସଂସ୍କୃତି, ପରମ୍ପରା, ଚାଲିଚଳଣି, ପର୍ବପର୍ବାଣି ଯେତିକି ନିଆରା, ପର୍ଯ୍ୟଟନସ୍ଥଳୀଗୁଡ଼ିକ ବି ସେତିକି ଆକର୍ଷଣୀୟ। ଖାସ୍ ସେଇଥିପାଇଁ ତ ଏଠାରେ ପ୍ରାୟତଃ ବର୍ଷସାରା ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ଲାଗିଥାଏ।

### କେବେ ଯିବେ

ଏଠାରେ ମାର୍ଚ୍ଚରୁ ମେ ଖରା, ଜୁନ୍‌ରୁ ଅଗଷ୍ଟ ବର୍ଷା ଏବଂ ଅକ୍ଟୋବରରୁ ଜାନୁୟାରୀ ଶୀତଋତୁ ଅନୁଭବ ହୋଇଥାଏ। ବର୍ଷାଦିନେ ଏଠାରେ ପ୍ରବଳ ବର୍ଷା ହେଉଥିବାବେଳେ ଶୀତ ଓ ଖରା ସାଧାରଣ ହୋଇଥାଏ। କିନ୍ତୁ ପର୍ଯ୍ୟଟକଙ୍କ ପାଇଁ ଏଠାକୁ ସବୁ ସମୟରେ ଯିବା ପାଇଁ ସୁବିଧା ରହିଛି। କେହି କେହି ଖରାଦିନେ ତ କେହି କେହି ଶୀତରେ ପୁଣି ବର୍ଷାଦିନେ ବି ପର୍ଯ୍ୟଟକ ଏଠାକୁ ବୁଲି ଆସୁଥିବାର ନଜିର ରହିଛି।

### କେମିତି ଯିବେ

ଥିରୁଭାନନ୍ତପୁରମ୍ ଅନ୍ତର୍ଜାତୀୟ ବିମାନବନ୍ଦର ହେଉଛି ଏଠାକାର ନିକଟବର୍ତ୍ତୀ ବିମାନବନ୍ଦର, ଯାହା ଆଡ୍ଡୁରଠାରୁ ପ୍ରାୟ ୯୦ କି.ମି. ଦୂରରେ ଅବସ୍ଥିତ। ସେହିପରି କାୟାମ୍‌କୁଲମ୍ ଜଙ୍କସନ୍ ରେଲୱେ ଷ୍ଟେଶନ ଓ ଚେଙ୍ଗାନ୍ନୁର ରେଲୱେ ଷ୍ଟେଶନ ହେଉଛି ଆଡ୍ଡୁରର ଦୁଇ ନିକଟତମ ରେଲଷ୍ଟେଶନ। ତା'ଛଡ଼ା ଦେଶର ବହୁ ପ୍ରମୁଖ ସହରରୁ ଟୁରିଷ୍ଟ ବସ୍ ବି ଆଡ୍ଡୁର ଅଭିମୁଖ ଯା'ଆସ କରିଥାଏ।

### କ'ଣ ଦେଖିବେ

ଏକ ପବିତ୍ରମୟ ସହର ଭାବେ ସାରା କେରଳରେ ଆଡ୍ଡୁରର ନାଁ ରହିଛି। ଶ୍ରୀ ନାରାୟଣପୁରମ୍ ମହାବିଷ୍ଣୁ ମନ୍ଦିରଠାରୁ ଆରମ୍ଭ କରି ମନ୍ନାଡି ଦେବୀ, ଶ୍ରୀ ପାର୍ଥସାରଥି, ପଲ୍ଲୁପୁରକ୍କାଲ ଦେବୀ, ମହାଲିଙ୍ଗେଶ୍ୱର, ଥେଙ୍ଗମ୍‌ଥରା ଉମାମହେଶ୍ୱର ଇତ୍ୟାଦି ମନ୍ଦିର ଏଠାରେ ଦେଖିବାକୁ ମିଳିଥାଏ। ତା'ଛଡ଼ା ଏକାଧିକ ଚର୍ଚ୍ଚ ବି ଏଠାରେ ରହିଛି। ସବୁ ବର୍ଗର ତଥା ସବୁ ଧର୍ମର ପର୍ଯ୍ୟଟକଙ୍କ ପାଇଁ ଉତ୍ତମ ସୁବିଧାମାନ ଏଠାରେ ଉପଲବ୍ଧ। କେବଳ ସେତିକି ନୁହେଁ, ଭେଲୁଥାମ୍ପି ଦଲୱା ମେମୋରିଆଲ୍ ମ୍ୟୁଜିୟମ୍ ହେଉଛି ଏଠାକାର ଅନ୍ୟତମ ପ୍ରମୁଖ ଦର୍ଶନୀୟସ୍ଥାନ।

### କଳା, ସଂସ୍କୃତିରେ ନିପୁଣ

କଳା, ସଂସ୍କୃତି ତଥା ପର୍ବପର୍ବାଣି ପାଳନ କରିବା କ୍ଷେତ୍ରରେ ଅଡ୍ଡୁରର ବେଶ୍ ଖ୍ୟାତି ରହିଛି। ଏଠାରେ ବହୁ ଖ୍ୟାତିସମ୍ପନ୍ନ ବ୍ୟକ୍ତି ଜନ୍ମ ହୋଇଥିବା ସୂଚନା ମଧ୍ୟ ରହିଛି। ତେବେ ଆଧ୍ୟାତ୍ମିକସ୍ଥଳୀ ଭାବେ ଲୋକପ୍ରିୟତା ହାସଲ କରିଥିବାରୁ ଏଠାରେ ପ୍ରାୟତଃ ମନ୍ଦିରଗୁଡ଼ିକରେ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଥାଏ, ଯାହାକୁ ଦେଖିବା ପାଇଁ ଏଠାରେ ଭକ୍ତଗଣଙ୍କର ବେଶ୍ ଭିଡ଼ ଜମିଥାଏ।

### ବେପାର ଓ ବାଣିଜ୍ୟ

ଆଡ୍ଡୁରରେ ମୁଖ୍ୟତଃ ନଡ଼ିଆ, କଦଳୀ, ମୌସୁମି ଚାଷ କରାଯାଇଥାଏ। ବାହାରକୁ ରପ୍ତାନି କରି ସ୍ଥାନୀୟ ଲୋକେ ଏଥିରୁ ଭଲ ଟଙ୍କା ଉପାର୍ଜନ ବି କରିଥାନ୍ତି। ତା'ଛଡ଼ା ଏଠାକାର କେତେକ ସ୍ଥାନରେ ରବର ଚାଷ ହେଉଥିବାର ନଜିର ମଧ୍ୟ ରହିଛି।





# ଡଗ୍ ଫୁଡ୍ ଟେଷ୍ଟର୍









ଖାଦ୍ୟ, ବସ୍ତ୍ର, ବାସଗୃହ ହେଉଛି ଆମର ମୌଳିକ ଆବଶ୍ୟକତା। ଏହାକୁ ପୂରଣ କରିବା ପାଇଁ ମଣିଷ ବିଭିନ୍ନ ପ୍ରକାରର କାମ କରେ। ଏମିତି ଅନେକ ଅଜବ କାମ କରିବାକୁ ବି ପଛାଏ ନାହିଁ। ସେମିତି ଏକ ଅଜବ କାମ ହେଉଛି କୁକୁର ଖାଦ୍ୟ ଚାଖିବା ଚାକିରି। ଆଜିକାଲି ବିଭିନ୍ନ କମ୍ପାନୀ ବିଭିନ୍ନ ପ୍ରକାରର ଡଗ୍ ଫୁଡ ପ୍ରସ୍ତୁତ କରୁଛନ୍ତି। ତେବେ ସେଗୁଡ଼ିକୁ କୁକୁର ଖାଇବା ପୂର୍ବରୁ ତା'ର ସ୍ୱାଦ ଚଖାଯାଏ। ଆଉ ଏହି ସ୍ୱାଦ ଚାଖିବା ପାଇଁ କମ୍ପାନୀ କିଛି କର୍ମଚାରୀଙ୍କୁ ନିୟୋଜିତ କରିଥାନ୍ତି। ସେମାନେ ଡଗ୍ ଫୁଡ୍‌କୁ ଖାଇ କହିଥନ୍ତି ତା'ର ସ୍ୱାଦ କେମିତି। ଆଉ ତାହା କୁକୁରଙ୍କୁ ପସନ୍ଦ ହେବ କି ନାହିଁ। ଡଗ୍ ଫୁଡ୍ ବିଭିନ୍ନ ପ୍ରକାରର ଥାଏ ଯେମିତି କି ହାଡ, ଟିନ୍‌ଡ ଫୁଡ୍ ଓ ବିସ୍କୁଟ୍। ଆଉ ଏହି ସବୁ ଖାଦ୍ୟକୁ ଖାଇ ତା'ର ସ୍ୱାଦ ସମ୍ପର୍କରେ ଜଣାଇଥାନ୍ତି ଏହି ଡଗ୍ ଫୁଡ୍ ଟେଷ୍ଟରମାନେ।

# ଥୋଡ଼ିରେ ସାଇକେଲ ରଖି ଚାଲିଲେ

ରେକର୍ଡ କରିବା ଓ ପୁରୁଣା ରେକର୍ଡ ଭାଙ୍ଗି ନୂଆ ରେକର୍ଡ କରିବାକୁ ଭଲ ପାଆନ୍ତି ଡେଭିଡ ରସ୍। ସେଇଥିପାଇଁ ତ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ତାଙ୍କ ନାମରେ ରହିଛି ୧୫୦ରୁ ଊର୍ଦ୍ଧ୍ୱ ଏଣ୍ଟ୍ରି। ଆଉ ୨୦୧୮, ଫେବୃୟାରୀ ୨, ତାଇପେଇରେ ସେ କରିଥିଲେ ଏକ



ଭିନ୍ନଧରଣର ରେକର୍ଡ; ଯାହାକି ଥିଲା ବେଶ୍ ଅଜବ ଓ ଆଶ୍ଚର୍ଯ୍ୟକର। ସେ ଏକ ୧୨ କେ.ଜି. ଓଜନର ସାଇକେଲକୁ ନିଜ ଥୋଡି ଉପରେ ସନ୍ତୁଳନ ରକ୍ଷା କରି ରଖିଥିଲେ। ଆଉ ସେହି ଅବସ୍ଥାରେ ସେ ୫୫୩ ଫୁଟ୍ ୮.୦୯ଇଞ୍ଚ ଚାଲିଥିଲେ। ଫଳରେ ତାଙ୍କ ନାମ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ଥୋଡ଼ିରେ ସାଇକେଲ ରଖି ଅଧିକ ବାଟ ଅତିକ୍ରମ କରିଥିବା ବ୍ୟକ୍ତିଭାବେ ସ୍ଥାନ ପାଇଲା। ଏହାବାଦ୍ ସେ ଏକ ଶାବଳକୁ ନିଜ କପାଳରେ ସନ୍ତୁଳନ ରକ୍ଷା କରି ସବୁଠାରୁ ଅଧିକ ସମୟ ତଥା ୨ ଘଣ୍ଟା ୩୬ ମିନିଟ ୬ ସେକେଣ୍ଡ ରଖି ମଧ୍ୟ ରେକର୍ଡ କରିଛନ୍ତି। ସନ୍ତୁଳନ ରକ୍ଷା କରିବାରେ ବହୁତ ଧୈର୍ଯ୍ୟର ଆବଶ୍ୟକତା ପଡ଼ିଥାଏ। ରଶ୍‌ଙ୍କ ନିକଟରେ ଏହି ଧୈର୍ଯ୍ୟ ଅଧିକ ଥିବାରୁ ସେ କରିଚାଲିଛନ୍ତି ଗୋଟେ ପରେ ଗୋଟେ ରେକର୍ଡ।

## କାର୍ଟୁନ କର୍ନର



# ହେ କରୋନା ! ତୋତେ ଶତ ଧନ୍ୟବାଦ !

ଆଜକୁ କିଛି ବର୍ଷ ତଳେ ଏ ମାଟିର ଜଣେ ସନ୍ଥ ତଥା କବି ଭକ୍ତ ଚରଣ ଦାସ 'ମନବୋଧ ଚଉତିଶା'ରେ ପଦଟିଏ ଲେଖିଥିଲେ –ଛାର ଦେହକୁ ମନ କରୁଛୁ ସଜ, ଛନ୍ଦ କପଟ ତେଜି ଗୋବିନ୍ଦ ଭଜ । ଛୁଇଁବେ ନାହିଁ ତୋତେ ବୋଲିବେ ମଡ଼ା, ଛ ଖଣ୍ଡି କାଠ ହେବ ତୋ ପାଇଁ ଲୋଡ଼ା ।
ବର୍ତ୍ତମାନ କରୋନା ମହାମାରୀରେ ଲକ୍ଷ ଲକ୍ଷ ସଂଖ୍ୟାରେ ମୃତ୍ୟୁବରଣ କରୁଥିବା ମଣିଷମାନଙ୍କର ସ୍ଥିତିକୁ ଦେଖି ସନ୍ଥଙ୍କ ଉପରୋକ୍ତ ବାଣୀଟି କାହିଁକି ଟିକେ ମନେ ପଡିଗଲା ।

ବିଭିନ୍ନ ଶାସ୍ତ୍ର ପୁରାଣ ଆଉ ସନ୍ଥଙ୍କ ପ୍ରବଚନରେ ବାରମ୍ବାର ଉଦ୍‌ଘୋଷଣା – ହେ ମଣିଷ ! ଏ ପରିବାର ତୁମର ନୁହେଁ, ତୁମେ ଏହାକୁ ପ୍ରହରୀ ସଦୃଶ ଜଗିଛ । ଜୀବନରେ ଯେତେ ଯେତେ ଧନ ସମ୍ପତ୍ତି ଅର୍ଜନ କରିଛ, କେହି ବି ତୁମ ସଙ୍ଗେ ଯିବେନି । ଏହାକୁ ନେଇ ଅଯଥା ଗର୍ବ କରନା । ଔଦ୍ଧତ୍ୟ ପ୍ରକାଶ କରନା । ମନେରଖ ତୁମେ ଏହାର ମାଲିକ ନୁହେଁ, ମାର୍ଫତଦାର । ଥରେ ଟିକେ ଚିନ୍ତା କରି ଦେଖିଲ, ଧନ ସମ୍ପତ୍ତିକୁ ତୁମେ ମୋର ମୋର କହୁଛ । ସେ କେବେ ତୁମକୁ ତା'ର ବୋଲି କହିଲାଣି ? ମିଛରେ ତୁମେ ଖାଲି ଧନ୍ଦି ହେଉଛ । ଧନ ଯଦି ତୁମର ହୋଇଥାନ୍ତା, ତେବେ ସେ ତୁମକୁ ଛାଡ଼ି କେବେ ବି କୁଆଡ଼େ



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

ଯାଆନ୍ତା ନାହିଁ । ମଲା ପରେ ବି ଏହା ତୁମ ସଙ୍ଗେ ଯାଆନ୍ତା । ଜୀବନ ସାରା ତୁମେ ଧନ ପଛରେ ଗୋଡ଼ାଇଲ । ଅନ୍ୟର ତଣ୍ଟି ଚିପି, ଟାଉଟରି ଓ ଦୁର୍ନୀତି କରି ଢେର କମାଇଲ । ଲୁଚାଛପାରେ ଏଠି ସେଠି ସବୁଠି ଜମି କିଣିଲ । ଛୁଞ୍ଚିଟିଏ ତୁମେ ଏଠୁ ନେଇ ଯାଇପାରିବ ନା ?
ସ୍ତ୍ରୀ ପୁଅ ଝିଅ କେହି ଯିବା ତ ଦୂରର କଥା, ମଡ଼ା ମଡ଼ା ବୋଲି ହୁରି ପକେଇବେ । ସେଥିପାଇଁ ଶ୍ରୀମଭାଗବତରେ ପରମ ଭଗବତୀ ଭାଷାରେ ଭକ୍ତ କବି କହିଲେ –

ଯାହାକୁ ବାନ୍ଧିନେବ ପଥେ, ଶ୍ମଶାନେ ଶିରଚ୍ଛେଦ ଅର୍ଥେ । ତାହାର ଯେତେ ସୁତ ବିତ୍ତ, ରକ୍ଷଣେ ନୁହନ୍ତି ସମର୍ଥ ।

ଜୀବନର ଏ ପରମାର୍ଥ ବାଣୀଗୁଡିକୁ ମଣିଷ ଶୁଣେ । କିଛି ସମୟ ପାଇଁ ତା' ମନରେ ବୈରାଗ୍ୟ ସୃଷ୍ଟି ହୁଏ । ଏହା କିନ୍ତୁ ଚିରସ୍ଥାୟୀ ନୁହେଁ, କ୍ଷଣସ୍ଥାୟୀ । ଏହାକୁ କୁହନ୍ତି ଶ୍ମଶାନ ବୈରାଗ୍ୟ । ଶ୍ମଶାନ ବାଟ ଦେଇ ଯାଉଥିବା ବେଳେ ଜୀବନ ମିଛ, ସଂସାର ମିଛ, ପରିବାର, ଧନ ସମ୍ପତ୍ତି ମାୟା –ଏ ଭାବନା ଆସୁଥିବ । ଠିକ୍ ଅତିକ୍ରମ କରିସାରିବା ପରେ ଯଥା ପୂର୍ବଂ ତଥା ପର । କାହାର ଜମିକୁ ମାଡ଼ି ବସିବି, କାହା ଝିଅ ବୋହୂଙ୍କୁ ଅପହରଣ କରିବି, କାହାକୁ ଠକିବି, କେମିତି ସୁନ୍ଦର ଘରଟିଏ କରିବି –ବାସ, ଏଇ ଚିନ୍ତାରେ ମସ୍‌ଗୁଲ ହୋଇ ବାଟ ଭୁଲିଯାଏ ମଣିଷ ।

ପ୍ରକୃତି ହେଉଛି ଆମର ମା' । ମା'ର ପ୍ରଥମ କର୍ତ୍ତବ୍ୟ ହେଉଛି ପୁଅର



ଉତ୍ତମ ଲାଳନପାଳନ । ପ୍ରକୃତି ମା' ବି ସେୟା କରେ । ବୃକ୍ଷଲତା, ଫଳପୁଷ୍ପ, ପାହାଡ଼ ପର୍ବତ, ନଦନଦୀ, ଆକାଶ, ପବନ, ଚନ୍ଦ୍ର, ସୂର୍ଯ୍ୟ –ଏସବୁ କାହା ପାଇଁ ? ଖାସ୍ ଆମରି ପାଇଁ । ପ୍ରକୃତି ମା' ମଣିଷ ପାଇଁ ଏ ସବୁ ଖଞ୍ଜି ରଖିଛି । ମା'ର ଦ୍ୱିତୀୟ କର୍ତ୍ତବ୍ୟ ହେଉଛି ସନ୍ତାନମାନଙ୍କୁ ସୁଶିକ୍ଷା ପ୍ରଦାନ କରିବା – ସ୍ନେହ ବୋଳା ଉପଦେଶ ଦେଇ ହଉ ଅଥବା ଦଣ୍ଡ ପ୍ରଦାନ କରି । ପ୍ରଥମ ଉପାୟଟି କାଟୁ ନ କଲେ ସେ ବାଧ୍ୟ ହୁଏ ନାଲି ଆଖି ଦେଖାଇବା ପାଇଁ । ଠିକ ବାଟରେ ଚାଲିବା ପାଇଁ ପ୍ରକୃତି ଆମ ଚତୁଃପାର୍ଶ୍ୱରେ ଶାସ୍ତ୍ର ପୁରାଣ ଏବଂ ଶହ ଶହ ସାଧୁସନ୍ଥଙ୍କୁ ଖଞ୍ଜି ରଖିଛି । ସଂସାରର ନଶ୍ୱରତା ଏବଂ ଜୀବନର ଅସାରତା ବାବଦରେ ମହାତ୍ମାମାନେ ଚିତ୍କାର କରି କରି ମଣିଷ ମାନଙ୍କୁ ଚେତାଇ ଦେଉଛନ୍ତି । ଥୋକାଏ ତ ସେମାନଙ୍କ ପାଖ ମାଡ଼ନ୍ତି ନାହିଁ । ଆଉ ଯେଉଁମାନେ ଯାଆନ୍ତି ଆଉ ଶ୍ରବଣ କରନ୍ତି, ସେମାନେ ପ୍ରଦତ୍ତ ପରାର୍ଥ ବାଣୀଗୁଡିକୁ ଏ କାନରେ ପୂରାଇ ସେ କାନରେ ପ୍ରସ୍ଥାନ କରାଇ ଦିଅନ୍ତି । କେବଳ ନିଜକୁ ଧାର୍ମିକ ବୋଲାଇବାର ବ୍ୟର୍ଥ ପ୍ରତିଯୋଗିତାରେ ସଭିଏ ମାତିଥାନ୍ତି । ଦୁଇ କି ତିନି ପ୍ରତିଶତଙ୍କୁ ଛାଡିଦେଲେ ବାକି ସମସ୍ତେ କେବଳ ଉଚ୍ଚାରଣରେ ମଗ୍ନ । ଆଚରଣ ପୂରା ଶୂନ । ଏପରି ଅବସ୍ଥା ଉପୁଜିଲେ ପ୍ରକୃତି ନିଜ ରୂପ ଦେଖାଏ । ବାପ ଲୋ.. ଧନ ଲୋ କହି ବୁଝାଇବାରେ ବିଫଳ ହେଲେ ପ୍ରକୃତି ଧରେ ଦୁର୍ବିପାକର ଛାଟ ।

ଏ କରୋନା ଆଉ କ'ଣ କି ? ଚଉଷଠି ଯୋଗିନୀ ଗଣଙ୍କ ମଧ୍ୟରୁ ଇଏ ହେଉଛି ମାତ୍ର ଗୋଟିଏ । ରୁଷ୍ଟ ପ୍ରକୃତି ଦ୍ୱାରା ସୃଷ୍ଟ ଏହି ମହା ବିନାଶକାରୀ ମହାମାରୀ । କେବଳ ମଣିଷ ମାନଙ୍କୁ ଶିକ୍ଷା ଦେବା ପାଇଁ ହିଁ ଏହାର ଜନ୍ମ । ନ ହେଲେ ଛପନ କୋଟି ଜୀବଜନ୍ତୁଙ୍କ ମଧ୍ୟରୁ କେବଳ ମଣିଷମାନଙ୍କୁ ଖୋଜି ଖୋଜି କାହିଁକି ମାରୁଛି ଯେ ? । ମଣିଷ ଏବେ ପଥ ଭ୍ରଷ୍ଟ । ଅମଣିଷ, ରାକ୍ଷସ ପାଲଟି ଯାଇଛି । ପ୍ରକୃତିର ନିୟମକୁ ସୃଷ୍ଟିର ସବୁ ପଶୁ ପକ୍ଷୀ ମାନୁଛନ୍ତି । କେବଳ ମଣିଷ ମାନୁନି । ସୃଷ୍ଟିର ଆରମ୍ଭରୁ ବାଘ ମାଂସ ଖାଉଥିଲା । ଏବେ ମଧ୍ୟ ସେଇ ମାଂସ ଖାଉଛି । ପିଜା କି ବିରିୟାନୀ ନୁହେଁ । ବଳଦ, ଛେଳି, ମେଣ୍ଢା ଇତ୍ୟାଦିଙ୍କ ଖାଦ୍ୟ ତରିକା ଯାହା ଥିଲା, ଏବେ ବି ସେୟା ଅଛି । ମଣିଷ ବସ୍ତୁତଃ ଶାକାହାରୀ । ହେଲେ ମଣିଷ ଏବେ କ'ଣ ନ ଖାଉଛି! କ'ଣ ନ କରୁଚି !! ଏବେ ଦେଖିଲେ କ'ଣ ଘଟୁଛି ଆଫଗାନିସ୍ତାନରେ । ଧର୍ମ ନାଁ ରେ ଦଳେ ରାକ୍ଷସ କେମିତି ନର ସଂହାର ଚଳେଇଛନ୍ତି ? ମଣିଷ ଭାବୁଛି ସେ ହିଁ ସବୁକିଛି । ସେ ପ୍ରକୃତିର ନିୟମକୁ ମାନିବ କ'ଣ, ଉଦ୍‌ଭ୍ରାନ୍ତ ସନ୍ତାନ ତା' ବାପା –ମାଆ ଉପରକୁ ହାତ ଉଠାଇବା ପରି ମଣିଷ ଆଜି ପ୍ରକୃତିକୁ ନିଜ ହାତମୁଠାରେ ରଖିବା ପାଇଁ ଖୁବ୍ ବ୍ୟସ୍ତ ଆଉ ବିବ୍ରତ । ହେଲେ ମଣିଷକୁ ଜଣା ନାହିଁ ଯେ ଏକ ସେକେଣ୍ଡରେ ନିଜର ଅସ୍ତିତ୍ୱକୁ ଲୋପ କରିଦେବାର ଶକ୍ତି ପ୍ରକୃତି ହାତରେ ଅଛି ; ଯାହାର ଉତ୍କୃଷ୍ଟ ନମୁନା ହେଉଛି ଏଇ କରୋନା । ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରୂପ ନେଇ ଆସୁଥିବାରୁ ବୈଜ୍ଞାନିକଙ୍କ ବୁଦ୍ଧି ହଜି ଗଲାଣି । ନାକ ଆଉ ପାଟିକୁ ମାସ୍କ ଦ୍ୱାରା ବନ୍ଦ କରିବାରୁ ଏବେ ସେ ଆଖି ବାଟେ ଶରୀର ଭିତରକୁ ପ୍ରବେଶ କରିବା ପାଇଁ ଉଦ୍ୟତ ହୋଇପାରେ ବୋଲି ବୈଜ୍ଞାନିକମାନେ କହିଲେଣି । ବେଳକୁ ବେଳ ବ୍ଲାକ ଫଙ୍ଗସ ବା ହାପ୍ପୀ ହାଇପୋକ୍ସିଆ ବା ଡେଲଟା ପରି ନୂତନ ଲକ୍ଷଣ ନେଇ ଆସିଲାଣି । ସତେ ଯେମିତି ମାନବ ଜାତିକୁ ସଫା କରିବା ପାଇଁ ସେ ବଜ୍ର ଶପଥ ନେଇଛି । ସେ କେବଳ ମଣିଷକୁ ମାରୁନି, ମାରିସାରିବାର ପରବର୍ତ୍ତୀ ଦୃଶ୍ୟର ଜୀବନ୍ତ ପ୍ରସାରଣ (ଲାଇଭ ଟେଲିକାଷ୍ଟ) କରାଇ ସାଧୁ ତଥା ଶାସ୍ତ୍ର ପୁରାଣର ବାଣୀଗୁଡ଼ିକର ବାସ୍ତବତା ଉପରେ ଏକ ଜବରଦସ୍ତ ସ୍ୱୀକୃତି ସୂଚକ ମୋହର ମଧ୍ୟ ଲଗାଇ ଦେଉଛି । କରୋନା ପୂର୍ବରୁ କେହି ନ ହେଲେ ବି ନିଜ ଆତ୍ମୀୟ ସ୍ୱଜନ ଆସି ଶବକୁ ଛୁଇଁ ପାରୁଥିଲେ । ଭିଭିଆଇପିଙ୍କ ଶବ ହେଲେ ଦୁଇ ତିନି ଦିନ ପାଇଁ କାଚ ବାକ୍ସରେ ରଖା ଯାଉଥିଲା । ହେଲେ ଏବେ ସେ ମଜୁରିଆଟିଏ ହେଉ ଅଥବା କେନ୍ଦ୍ରମନ୍ତ୍ରୀ, 'ଛୁଇଁବେ ନାହିଁ ତୋତେ ବୋଲିବେ ମଡ଼ା 'କଥାଟି ଶତ ପ୍ରତିଶତ ସତ୍ୟ ସାବ୍ୟସ୍ତ ହୋଇଛି । ଏବେ କରୋନା ଆକ୍ରାନ୍ତ ଶବକୁ ଛୁଇଁବା ତ ଦୂରର କଥା, ବଞ୍ଚିଥିବା ବେଳେ ସ୍ତ୍ରୀ ପିଲାଛୁଆ, ତଥା ଆତ୍ମୀୟ ସ୍ୱଜନ ନିଜ ଜୀବନ ଭୟରେ ପାଖ ବି ମାଡୁ ନାହାନ୍ତି । ଏକାନ୍ତରେ ଥିବା ରୋଗୀର ଖାଇବା ଗଣ୍ଡାକୁ ଦଶ ଫୁଟ ଦୂରରେ ରଖିବାକୁ ବି ଘରଲୋକ ଯେଉଁଠି କୁଣ୍ଠିତ ହେଉଛନ୍ତି ସେଠି ବାହାର ଲୋକଙ୍କ କଥା କ'ଣ କହିବା । ମଲାପରେ ମୁଖାଗ୍ନିକୁ ଖଣ୍ଡେ ବାଟ ଦୂରରେ ରହି ଜୁଇ ଉପରକୁ ଫୋପାଡ଼ି ଦେଉଛି ପୁଅ । ରୋଗୀର ଅଇଁଠା ବାସନ ଧୋଇବା ପାଇଁ ପୁଅ ଝିଅ ସ୍ତ୍ରୀ ଆଦିଙ୍କ ଛାତି ବି ଧକ ଧକ । ଅନାଇ ବସିଛନ୍ତି ଆମ୍ବୁଲାନ୍ସର ଆଗମନକୁ । କେତେବେଳେ ଆସିବ ଆଉ ରୋଗୀକୁ ନିଜ ହେପାଜତକୁ ନେବ ।

ଏହା ହିଁ ହେଉଛି ଜୀବନର ଅନ୍ତିମ ଏବଂ ଶାଶ୍ୱତ ସାରବତ୍ତା । ଆଗେ ପୁରାଣରୁ ପୁଥିଲୁ କିନ୍ତୁ ଏବେ କରୋନା କରି କି ଦେଖେଇ ଦେଉଛି । ଏପରି ମହାଶିକ୍ଷା ପ୍ରଦାନ କରିଥିବାରୁ ହେ କରୋନା ! ତୋତେ ଶତ ଧନ୍ୟବାଦ ।

*–ଦିବ୍ୟାଲୋକ ସନ୍ଧାନେ, ରାମନଗର, ତେଲେଙ୍ଗାପେଣ୍ଠ, କଟକ*

## ପୁସ୍ତକ ସମୀକ୍ଷା




### ଲଣ୍ଠନ


ପ୍ରକାଶକ– ପଶ୍ଚିମା ପବ୍ଲିକେଶନ , ମୂଲ୍ୟ–୧୩୦ ଟଙ୍କା

ଦିଗହଜା ଚରିତ୍ରମାନଙ୍କୁ ମନନଶୀଳତାର ଲଣ୍ଠନ ଦେଖେଇ ର୍ନିଦ୍ଦିଷ୍ଟ ଏବଂ ସହଜ କରେଇବାର ଚେଷ୍ଟା କରିଛନ୍ତି ଡାକ୍ତର ଦିଲ୍ଲୀପ କୁମାର ବେହେରା ନିଜ ତୃତୀୟ ଗଳ୍ପ ସଂକଳନ "ଲଣ୍ଠନ"ରେ । ନଅଟି ଗଳ୍ପର ପୃଷ୍ଠଭୂମିକୁ ନେଇ ସମୃଦ୍ଧ ଏହି ଗଳ୍ପ ସଂକଳନଟି ଆପଣା "ଲଣ୍ଠନ" ନାମକରଣର ଯଥାର୍ଥତା ପ୍ରତିପାଦନ କରେ । ଦିଲ୍ଲୀପଙ୍କ ଗଳ୍ପ ଜୀବନର ଭଙ୍ଗାଗଢ଼ା, ସୁଖଦୁଃଖ, ଲହୁଲୁହ, ସଂଘାତ ଓ ସଙ୍ଘର୍ଷକୁ ନେଇ କଳାତ୍ମକ ଭାବରେ ଗତିଶୀଳ । ଗଳ୍ପରେ ପରୀକ୍ଷା ନିରୀକ୍ଷା କରୁଥିବା ଡାକ୍ତର ଦିଲ୍ଲୀପଙ୍କ ଗଳ୍ପ ଲେଖିବାର ଶୈଳୀ ସ୍ୱତନ୍ତ ଏବଂ ରୁଚିପୂର୍ଣ୍ଣ । ଦାର୍ଶନିକତାର ଛିଟା ଗଳ୍ପର ପ୍ରବହମାନତାକୁ ଗମ୍ଭୀର ଏବଂ କର୍କଶ ନକରି ବରଂ ପ୍ରାଣୋନ୍ମୁଖୀ କରିଥିଲା ଭଳି ପ୍ରତୀୟମାନ ହୁଏ । ଲଣ୍ଠନ ଗଳ୍ପ ସଂକଳଟି ପଶ୍ଚିମା ପ୍ରକାଶନୀ ଦ୍ୱାରା ପ୍ରକାଶିତ ହୋଇ ପ୍ରାରମ୍ଭିକ ପର୍ଯ୍ୟାୟରେ ଯଥେଷ୍ଟ ଜନାଦୃତି ସାଉଁଟି ପାରିଛି ।

### ମିଛ ଜହ୍ନରାତି

ପ୍ରକାଶକ– ବର୍ଷା ପବ୍ଲିକେଶନ, ଭୁବନେଶ୍ୱର, ମୂଲ୍ୟ: ୧୦୦ଟଙ୍କା

ସତ୍ୟରଞ୍ଜନ ପ୍ରହରାଜଙ୍କ ପ୍ରଥମ କବିତା ସଂକଳନ "ମିଛ ଜହ୍ନରାତି" ଉଭୟ ଗଭୀର ଜୀବନବୋଧ ଓ ଅସହାୟତାର ଭାବରୂପକୁ ନେଇ ସମୃଦ୍ଧ । ଏକଚାଳିଶଟି କବିତାରେ ପ୍ରେମ, ବିରହ, ପ୍ରକୃତି ପ୍ରତି ଆବେଗ, ସତ୍ୟାନ୍ୱେଷଣ , ଅସ୍ତିତ୍ୱର ଅସହାୟତା ଭଳି ଅନୁଭବକୁ ନେଇ ସତ୍ୟରଞ୍ଜନ ଜୀବନର ଗଣିତକୁ ନିଜ କବିମାନସରେ କଷିବାକୁ ଚେଷ୍ଟା କରିଛନ୍ତି । ଜୀବନକୁ ଯେଉଁ ବାଟରେ ଭେଟିଛନ୍ତି , ଆକଳନ କରିଛନ୍ତି ସେହିପରି ସଜେଇଛନ୍ତି ତାଙ୍କ କବିତାର ଦେହ ଶବ୍ଦର ଚିତ୍ରରେ, ଅନୁଭବରେ । ପ୍ରଥମ କବିତା ସଙ୍କଳନ ହୋଇଥିଲେ ହେଁ ସତ୍ୟରଞ୍ଜନଙ୍କ କବିତାରେ ପ୍ରଚଣ୍ଡ ପ୍ରତିଶ୍ରୁତି ପରିଦୃଷ୍ଟ ହୁଏ । ଅନେକ କବିତାରେ ତାଙ୍କ ଆଭିମୁଖ୍ୟ ର୍ନିଭୀକ ଏବଂ ସ୍ୱଷ୍ଟ । ପୁସ୍ତକଟି ପାଠକାଦୃତ ହେବ ବୋଲି ଆସ୍ଥା ରଖାଯାଇପାରେ ।



# ହାତ, ଗୋଡ଼ ବନ୍ଧା ଅବସ୍ଥାରେ ପହଁରିଲେ



ପହଁରିବା ପାଇଁ ହାତ ଗୋଡ଼ର ଆବଶ୍ୟକତା ପଡ଼େ। ନଚେତ୍ ପହଁରିବା ଅସମ୍ଭବ। କିନ୍ତୁ ଏହି ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି ଦୁଇ ଯୁବକ। କାନପୁରର ଏହି ଦୁଇ ଯୁବକ ହାତ ଗୋଡ଼ ବନ୍ଧାଥିବା ଅବସ୍ଥାରେ ଗଙ୍ଗା ନଦୀରେ ପହଁରିଛନ୍ତି। ଏହି ଦୁଇ ଯୁବକ ହେଉଛନ୍ତି ପଙ୍କଜ ଜୈନ ଓ ରୋହିତ ନିଷାଦ। ସେମାନେ ଏଭଳି ବନ୍ଧାଥିବା ଅବସ୍ଥାରେ ପ୍ରାୟ ୭ କି.ମି. ପହଁରି ରେକର୍ଡ କରିଛନ୍ତି। ଉତ୍ତରପ୍ରଦେଶ ସୁଇମିଂ ଆସୋସିଏଶନ୍‌ର ଉପାଧ୍ୟକ୍ଷ ପ୍ରକାଶ ଅବସ୍ତିଙ୍କ ମୁତାବକ, ପଙ୍କଜ ଓ ରୋହିତ ଅଟଳ ଘାଟରୁ ସରସୈୟା ଘାଟ ପର୍ଯ୍ୟନ୍ତ ହାତଗୋଡ଼ ବନ୍ଧା ଅବସ୍ଥାରେ ପହଁରିଥିଲେ। ଆଉ ସଫଳତାପୂର୍ବକ ୭ କି.ମି. ପହଁରିପାରିଥିଲେ। ଦୁଇ ଯୁବକ କହନ୍ତି, ଆମେ ଏଭଳି ପହଁରିବାର ଉଦ୍ଦେଶ୍ୟ ହେଉଛି ଅନ୍ୟ ପହଁରାଳୀଙ୍କୁ ପ୍ରୋତ୍ସାହିତ କରିବା।



ବ୍ୟାକ୍ ପେଜ୍







# ଏମ୍ବ୍ରୋଡରୀରେ ଜଳଜ ଜୀବ

ସମସ୍ତଙ୍କର କିଛି ନା କିଛି ହବି ଥାଏ। ଆଉ ଏଇ ହବି ସେମାନଙ୍କୁ ମାନସିକ ଶାନ୍ତି ପ୍ରଦାନ କରିଥାଏ। ତା'ସହିତ କେତେକଙ୍କୁ ଅନେକ ସମୟରେ ଭିନ୍ନ ପରିଚିତି ବି ଦେଇଥାଏ। ସେହିଭଳି ଆମେରିକାର ମେଗାନ ଜାନିଉସ୍କି ନାମ୍ନୀ ଜଣେ କଳାକାରଙ୍କୁ ତାଙ୍କ ହବି ଦେଇଛି ଭିନ୍ନ ପରିଚୟ। ସେ ପ୍ରମାଣ କରିଛନ୍ତି ଯେ, କେବଳ ରଙ୍ଗ, ତୁଳୀ ଓ କାନ୍‌ଭାସ୍‌ରେ ଚିତ୍ର ଅଙ୍କାଯାଇ ନ ଥାଏ। ବରଂ ସୁନ୍ଦର ପେଣ୍ଟିଂ ଛୁଞ୍ଚି, ସୂତା ସାହାଯ୍ୟରେ ଏମ୍ବ୍ରୋଡରୀ ମାଧ୍ୟମରେ ବି କରିହୁଏ। ଏମ୍ବ୍ରୋଡରୀ ତାଙ୍କୁ କେହି ଶିଖାଇ ନାହାନ୍ତି ବରଂ ନିଜେ ଶିଖିଛନ୍ତି ଓ ତାକୁ ନେଇ ବିଭିନ୍ନ ଏକ୍ସପେରିମେଣ୍ଟ ବି କରିଛନ୍ତି। ଏବେ ସେ ଏମ୍ବ୍ରୋଡରୀରେ ବେଶ୍ ସୁନ୍ଦର ଓ ବାସ୍ତବ ଲାଗୁଥିବା ପେଣ୍ଟିଂ କରିବାରେ ପାରଙ୍ଗମ ହୋଇଯାଇଛନ୍ତି। ନିକଟରେ ସେ ଜଳଜ ପ୍ରାଣୀଙ୍କର ସୁନ୍ଦର ସୁନ୍ଦର ଏମ୍ବ୍ରୋଡରୀ ପେଣ୍ଟିଂ କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଜଳଜ ପକ୍ଷୀ ଓ ପ୍ରାଣୀ ପାଣି ଉପରେ ଓ ଭିତରେ ପହଁରୁଥିବାର ଦୃଶ୍ୟକୁ ସେ ବେଶ୍ ନିଖୁଣଭାବେ ଚିତ୍ରାୟନ କରୁଛନ୍ତି। ପହଁରିବାବେଳେ ପାଣିରେ ସୃଷ୍ଟି ହେଉଥିବା ଫୋଟକା, ତରଙ୍ଗକୁ ବି ସେ ସୁନ୍ଦରଭାବେ ତିଆରି କରନ୍ତି। ଫଳରେ ଲାଗେ ସତେ ଯେମିତି ସେଗୁଡିକ ସତସତିକା ପ୍ରାଣୀ।




# କୁନି ଡିଜେ

ଆର୍ଚ୍ଚି ନୋର୍‌ବୁରୀଙ୍କ ବୟସ ମାତ୍ର ୪ ବର୍ଷ। ହେଲେ ଏବେ ସେ ପରିଚିତ ଡିଜେ ଆର୍ଚ୍ଚି ନାମରେ। କାରଣ ତାଙ୍କ ନାଁରେ ଅଛି ସର୍ବ କନିଷ୍ଠ ଡିଜେର ରେକର୍ଡ। ଏତେ କମ୍ ବୟସରେ ସେ ଲୋକଙ୍କୁ ନିଜ ଧୂନରେ ନଚେଇ ପାରନ୍ତି। ଆର୍ଚ୍ଚି ଦୁବାଇରେ ଜନ୍ମିତ, କିନ୍ତୁ ରହୁଛନ୍ତି ହଂକଂରେ। ସେ ହଂକଂରେ ହିଁ ସେ ଏହି ରେକର୍ଡ କରିଛନ୍ତି। ଏଠାକାର ଏକ ନାଇଟ୍ କ୍ଲବ 'ବଂଗଲୋ'ରେ ଲଗାତାର ଏକ ଘଣ୍ଟା ଡିଜେଭାବେ କାମ କରି ଆର୍ଚ୍ଚି ଲୋକଙ୍କୁ ନଚେଇଥିଲେ। ଆଉ ଏହି ରେକର୍ଡ କରିଥିଲେ। ମାତ୍ର ୨ ବର୍ଷ ବୟସରୁ ଡିଜେ ହେବା ପାଇଁ ପ୍ରାକ୍ଟିସ୍ କରି ଆସୁଛନ୍ତି। ଯେବେ ତାଙ୍କ ବାପା(ଯେକି ଜଣେ ଡିଜେ) ଆର୍ଚ୍ଚିଠାରେ ଡିଜେ ହେବାର ଆଗ୍ରହ ଦେଖିଲେ ସେବେଠାରୁ ତାଙ୍କୁ ତାଲିମ ଦେବା ଆରମ୍ଭ କରିଦେଇଥିଲେ। ଏବେ ଆର୍ଚ୍ଚି ପୃଥିବୀର ବିଭିନ୍ନ ମ୍ୟୁଜିକ୍ ଫେଷ୍ଟିଭାଲ୍‌ରେ ଆର୍ଚ୍ଚି ଯୋଗ ଦେଉଛନ୍ତି। ଆଉ ନିଜ ଧୂନରେ ଲୋକଙ୍କୁ ନାଚିବାକୁ ବାଧ୍ୟ କରିଦେଉଛନ୍ତି।

